## ସଂକ୍ଷେପରେ

### ଜାଲିଆତି ମାମଲା ଅଭିଯୁକ୍ତ ଗିରଫ

ତେନ୍ତୁଲିଖୁଣ୍ଟି, ୨୩।୧(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ଥାନାରେ ରୁଜୁ ଏକ ଜାଲିଆତି ମାମଲାର ଅଭିଯୁକ୍ତ କମଳ ରୋଶନ ତ୍ରିପାଠୀଙ୍କୁ କୋରାପୁଟ ଜିଲା ସୁନାବେଡାରୁ ଗିରଫ କରାଯାଇଛି। ତାଙ୍କଠାରୁ ପୋଲିସ ୨୫ ହଜାର ଟଙ୍କା ଜବତ କରିଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ତେନ୍ତୁଲିଖୁଣ୍ଟି ଥାନାଧିକାରୀ ଟଙ୍କଗିରି ଭୋଇ ଏ ସମ୍ପର୍କରେ ସୂଚନା ଦେଇଛନ୍ତି।

### ୪୫ କାଠପଟା ଜବତ



ବୈପାରୀଗୁଡ଼ା, ୨୩।୧(ଡି.ଏନ୍.ଏ.)- ବୈପାରୀଗୁଡା ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ ବେଳେ ଚଢାଇ କରାଯାଇ ୨ଟି ବାଇକ୍ ସମେତ ୪୫ ଖଣ୍ଡ କାଠପଟ୍ଟା ଜବତ କରାଯାଇଛି। କିନ୍ତୁ ଘଟଣାସ୍ଥଳରୁ ଅଭିଯୁକ୍ତମାନେ ଖସିଯାଇଛନ୍ତି। ସେମାନଙ୍କ ୨ ବାଇକ୍‌କୁ କିନ୍ତୁ ପୋଲିସ ଜବତ କରିଛି। ବନାଞ୍ଚଳ ଅଧିକାରୀ ସନ୍ଦିପ ପାଣିଗ୍ରାହୀଙ୍କ ନିର୍ଦ୍ଦେଶ କ୍ରମେ ଫରେଷ୍ଟର ବିକାଶ ପାତ୍ର, ଫରେଷ୍ଟର ସଚ୍ଚିଦାନନ୍ଦ ପରିଡା ତଥା ଅନ୍ୟ ପାରାଷ୍ଟାଫ୍ ଏଥିରେ ଭାଗ ନେଇଥିଲେ।

### ଶ୍ରୀ ଅରବିନ୍ଦ ପାଠାଗାରରେ ପରାକ୍ରମ ଦିବସ




ସେମିଲିଗୁଡା/ସୁନାବେଡା, ୨୩।୧ (ସ୍ୱ. ପ୍ର) ଶ୍ରୀ ଅରବିନ୍ଦ ପାଠାଗାରରେ ନେତାଜୀ ସୁବାସ ବୋଷଙ୍କ ଜୟନ୍ତୀ ଅବସରରେ ପରାକ୍ରମ ଦିବସ ପାଳିତ ହୋଇଛି। ପାଠାଗାର ସଂଚାଳିକା ଝାନ୍‌ସୀ ସିଂହ ନେତାଜୀଙ୍କ ଙ୍କ ଜୀବନ ଏବଂ ଭାରତର ସ୍ୱାଧୀନତା ସଂଗ୍ରାମ ଉପରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ତପନ ତୁର୍କ ସାମ୍ପ୍ରତିକ ପରିସ୍ଥିତିରେ ସୁବାସ ବୋଷଙ୍କ ନୀତି ଉପରେ ଆଲୋଚନା କରିଥିଲେ। ଜିହବା ମହାନନ୍ଦିଆ ଏବଂ ରାହୁଲ ମହାନନ୍ଦିଆ ଦେଶାତ୍ମବୋଧ ସଙ୍ଗୀତ ଗାନ କରିଥିଲେ। ଆଲାମା ଇଡିଂ, ଅନିତା ପାଢ଼ୀ, କବିତା ବିଶ୍ୱାଳ, ନିଳାଦ୍ରୀ ପ୍ରଧାନ, ସସ୍ମିତା ଇଡିଂ, ଅଜୟ ଇଡିଂ, ଲବ ସଡାପଲ୍ଲି, ଜଷ୍ଟିନ ଖୋସଲା, ହରି ଦିଶାରି, ରଘୁରାମ ବିଶ୍ୱାଳ, ଅଜିତ୍ ଲେଙ୍କା, ଶର୍ମିଳା ମଲ୍ଲିକ, ପ୍ରିୟଙ୍କା ତାଡିଙ୍ଗ୍, ସଞ୍ଜୁ ନାୟକ, ନମିତା ନାୟକ ଯୋଗ ଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ୬୦ ଚୋରା ମୋବାଇଲ ଜବତ

କୋରାପୁଟ, ୨୩।୧(ସ୍ୱ.ପ୍ର)-କୋରାପୁଟ ଟାଉନ ପୋଲିସ ସୋମବାର ଅପରାହ୍ନରେ ସହରର ବିଭିନ୍ନ ମୋବାଇଲ ତିଆରି ଦୋକାନ ଉପରେ ଚଢାଉ କରି ସେଠାରେ ଥିବା ବହୁ ଚୋରା ମୋବାଇଲକୁ ଜବତ କରିଛି। କୋରାପୁଟ ପୋଲିସ ଏସ୍‌ଡିପିଓ ମନୋଜ ପୁଜାରୀଙ୍କ ନେତୃତ୍ୱରେ କରାଯାଇଥିବା ଏହି ଚଢାଉରେ ଟାଉନ ଥାନାଧିକାରୀ ଧିରେନ ପଟ୍ଟନାୟକ, ସବ୍‌ଇନ୍ସପେକ୍ଟର ସୁଦର୍ଶନ ଅଧିକାରୀଙ୍କ ସମେତ ବହୁ ପୋଲିସ ଅଧିକାରୀ ସାମିଲ ହୋଇଥିଲେ। ସେମାନେ ସହରର ବିଭିନ୍ନ ମୋବାଇଲ ଦୋକାନ ଉପରେ ଚଢାଉ କରିଥିଲେ। ଏହି ଚଢାଉରେ ମରାମତି ପାଇଁ ଆସିଥିବା ଚୋରା ୬୦ରୁ ଊର୍ଦ୍ଧ୍ୱ ମୋବାଇଲ ଜବତ କରାଯାଇଛି।

# ତାଲିକାରେ ନାହିଁ ଯୋଗ୍ୟ ହିତାଧିକାରୀଙ୍କ ନାମ

- ଆବାସ ଯୋଜନାରୁ ଅନେକ ହିତାଧିକାରୀ ବଞ୍ଚିତ ଅଭିଯୋଗ
- ପୁଣି ଥରେ ସର୍ଭେ କରି ଠିକ ତାଲିକା ପ୍ରସ୍ତୁତ କରିବା ଦାବି

ଉମରକୋଟ, ୨୩।୧(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଅଧୀନ ବଡ଼କୁମାରି ପଞ୍ଚାୟତର ଅନେକ ହିତାଧିକାରୀ ଏବେବି ବଞ୍ଚିତ ଅଛନ୍ତି ଆବାସ ଘରରୁ। ଗରିବ ବାସହୀନ ଲୋକଙ୍କ ପାଇଁ ସରକାର ପକ୍କା ଘର ଯୋଗେଇବା ପାଇଁ ଯୋଜନା ପ୍ରସ୍ତୁତି କରୁଥିବାବେଳେ ବାସ୍ତବ ଚିତ୍ର କିଛି ଅଲଗା ରହିଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସାମ୍ଭାବ୍ୟ ଯୋଗ୍ୟ ହିତାଧିକାରୀଙ୍କ ତାଲିକା ପ୍ରକାଶ ପାଇଥିବାବେଳେ ବଡ଼କୁମାରି ପଞ୍ଚାୟତରେ ଅନେକ ହିତାଧିକାରୀ ଆବାସ ଘରରୁ ବଞ୍ଚିତ ହୋଇଛନ୍ତି। ବଡ଼କୁମାରୀ ପଞ୍ଚାୟତରେ ୧୯୨ ହିତାଧିକାରୀଙ୍କ ନାମ ତାଲିକାରେ ଥିବାବେଳେ ଅନେକ ଯୋଗ୍ୟ ହିତାଧିକାରୀ ଏହି ତାଲିକାରୁ ବାଦ ପଡିଛନ୍ତି। ସେଥିମଧ୍ୟରୁ ସାନ କୁମାରୀ ଆଦିବାସୀ ଗ୍ରାମର ତୁଳସୀ ରାମ ଗଣ୍ଡ, ହରିହର ଦାଶ, ବିଷମ ଗଣ୍ଡ, ଅଗଷ୍ଟ ଗଣ୍ଡ, ସାଧୁ ଗଣ୍ଡ, ସୋମନାଥ ଗଣ୍ଡ, ମଧୁ ଗଣ୍ଡ, ଜଗତୁ ଭତ୍ରା, ରାମ ଗଣ୍ଡ ଏହି ଭଳି ଅନେକ ହିତାଧିକାରୀ ଅଛନ୍ତି। ଯୋଜନାରୁ ଅନ୍ତର୍ଭୁକ୍ତ ହୋଇନଥିବା ଅନେକ ଲୋକ ଏବେବି ଜରି ପାଲ ଘେରି ଘରେ ରହୁଛନ୍ତି ଏବଂ ଏମାନେ ସମସ୍ତେ ପ୍ରାୟ ଦିନ ମଜୁରିଆ ଭାବେ କାମ କରି ପରିବାର ପୋଷଣ କରିଥାନ୍ତି। ତାଙ୍କ ପ୍ରତି ଅନ୍ୟାୟ ହୋଇଛି, ପୁଣି ଥରେ ସର୍ଭେ କରି ସଠିକ ତାଲିକା ପ୍ରସ୍ତୁତ କରାଯାଉ ବୋଲି ଆବାସ ଯୋଜନାରୁ ବାଦ ପଡିଥିବା ହିତାଧିକାରୀ ସରକାରଙ୍କୁ ଗୁହାରି କରୁଛନ୍ତି। ଯେଉଁ ହିତାଧିକାରୀ ପାଇବା ଯୋଗ୍ୟ ସେମାନଙ୍କୁ ତାଲିକା ରେ ନାମ ନ ଦିଆଯାଇ ଘର ଥିବା ଲୋକଙ୍କୁ ଘର ଯୋଗାଇ ଦିଆଯାଉଛି ବୋଲି ଲୋକେ ଅଭିଯୋଗ କରିଛନ୍ତି। ଏ ବିଷୟରେ ଉମରକୋଟ ବିଡିଓ ଡ ହିମାଞ୍ଚଳ ମାଝିଙ୍କୁ ପଚାରିବାରୁ ଯେଉଁ ଯୋଗ୍ୟ ହିତାଧିକାରୀଙ୍କ ନାମ ତାଲିକାରେ ନାହିଁ, ସେମାନେ କିପରି ଆଗାମୀ ଦିନରେ ଘର ପାଇ ପାରିବେ ଏ ନେଇ ଚେଷ୍ଟା କରାଯିବ ବୋଲି ସେ କହିଛନ୍ତି।

# ନେତାଜୀ ଜୟନ୍ତୀ ପାଳିତ


ଜିଲାପାଳ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଛନ୍ତି।

ମାଲକାନଗିରି, ୨୩।୧(ଡି.ଏନ୍.ଏ.)

ମାଲକାନଗିରିରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୬ ତମ ଜୟନ୍ତି ପାଳିତ ହୋଇଯାଇଛି। ଜିଲା ସଦର ସୁଭାଷ ଚନ୍ଦ୍ର ବୋଷ ଛକ ସ୍ଥିତ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲକାନଗିରି ଜିଲାପାଳ ବିଶାଲ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ପରେ ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଏସ୍‌ପି ବଳଭଦ୍ର ଦୀପ୍‌ଙ୍କ ସହ ସ୍ଥାନୀୟ ତହସିଲଦାର ଚନ୍ଦନ କୁମାର ଭୋଇ ଓ ସୁଭାଷ ବୋଷ କ୍ଲବର ସଭାପତି ଜି. ଶ୍ରୀନିବାସ ରାଓ, ଜିଲା କଂଗ୍ରେସ ସଭାପତି ଗୋବିନ୍ଦ ପାତ୍ର ମଧ୍ୟ ଉପସ୍ଥିତ ରହି ମାଲ୍ୟାର୍ପଣ କରିଥିଲେ। ଏହି ସମୟରେ ମାଲକାନଗିରିର ଶତାଧିକ ଜନସାଧାରଣ ଉପସ୍ଥିତ ରହି ନେତାଜୀଙ୍କୁ ମନେ ପକାଇଥିଲେ।

# ଉଦ୍‌ଘାଟନୀ ମ୍ୟାଚ ଜିତିଲା ଆର୍‌ଆର୍ କଲୋନୀ ଦଳ

**ଟାମକ ସିଲ୍ ଭଲିବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ**

ଦଶମନ୍ତପୁର, ୨୩।୧(ଡି.ଏନ୍.ଏ.)


ଅତିଥିମାନେ ଖେଳାଳିଙ୍କ ସହ ହାତ ମିଳାଉଛନ୍ତି।

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଡୁମ୍ବାଗୁଡ଼ା ପଞ୍ଚାୟତ ବଡ଼ବାଗ୍ରୀରେ ଶ୍ରୀଶ୍ରୀଶ୍ରୀ ଟାମକସିଲ୍ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏମ୍‌ପିଙ୍କ ଦଶମନ୍ତପୁର ବ୍ଲକ ପ୍ରତିନିଧି ରାଜେନ୍ଦ୍ର ହୁଇକା ମୁଖ୍ୟ ଅତିଥି, ଡୁମ୍ବାଗୁଡ଼ା ସମିତି ସଭ୍ୟା ରଜନ୍ତି ମାଝି, କାଳିଆ ସଗର, ତୁଷାର ସଗର, ଗୋପାଳ ଖରା, ସୁବାଷ ଖୋସ୍ଲା, ଅର୍ଜୁନ ଚେଟି, ରାଜେନ୍ଦ୍ର ବାଣୁଆ, ହେମନ୍ତ ବାଘ, ପୂର୍ବତନ ସରପଞ୍ଚ କବିତ୍ର ପରଜା, ସଲମନ ଖୋସ୍ଲା, ପୂର୍ଣ୍ଣ ନାଚିକା, ଖବରଦାତା ପ୍ରମୋଦ ନାୟକ, କାଇନ ଗରଡ଼ା, ହାଲି ଡ଼ଗ୍ରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଟାମକସିଲ୍ ଭଲିବଲ ଟୁର୍ଣ୍ଣାମେଣ୍ଟରେ ମୋଟ ୩୨ ଦଳ ଭାଗ ନେଇଛନ୍ତି। ସୋମବାର ଦଶମନ୍ତପୁର ଏବଂ କାଶୀପୁର ବ୍ଲକର ଆରଆର କଲୋନୀ ନୂଆପଡା ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଦଶମନ୍ତପୁର ଦଳ ଭଲ ଖେଳ ପ୍ରଦର୍ଶନ କରି ହାଫ ଟାଇମରେ ଦଳୀୟ ସ୍କୋର ୧୧ କରିଥିଲା। ଆରଆର କଲୋନୀ ଦଳର ସ୍କୋର ଥିଲା ୬। ତେବେ ଫିଲଡ଼ ପରିବର୍ତ୍ତନ ପରେ ଆରଆର କଲୋନୀ ଦଳ ଉତ୍ତମ ଖେଳ ପ୍ରଦର୍ଶନ କରି ଦଳୀୟ ସ୍କୋର ୨୩କୁ ବଢ଼ାଇପାରିଥିଲେ। ଦଶମନ୍ତପୁର ଦଳ କେବଳ ୧୩ ସ୍କୋର କରିପାରିଥିଲା। ଶେଷସୁଦ୍ଧା ୧୦ ଟି ସ୍କୋର ବ୍ୟବଧାନ ରେ ଆରଆର କଲୋନୀ ଜିତିଛି। ଖେଳକୁ ବୁଲୁ ଟାକ୍ରୀ ପରିଚାଳନା କରିଥିଲେ। ଗଣେଶ ମଲ୍ଲିକ ସ୍କୋରର ଦାୟିତ୍ୱ ତୁଲାଇଥିଲେ।

## ନେତାଜୀ ଜୟନ୍ତୀରେ ପ୍ରଶାନ୍ତ ସମ୍ମାନିତ

ପଦ୍ମପୁର, ୨୩।୧(ଡି.ଏନ୍.ଏ.)

ସାଧୀନତା ସଂଗ୍ରାମୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘ ଓ ସମରକ୍ରାନ୍ତି ସେନା ଆନୁକୂଲ୍ୟରେ ଭୁବନେଶର ମାଷ୍ଟରକ୍ୟାଣ୍ଟିନ ସ୍ଥିତ ହେଟେଲ କେଶରୀ ଠାରେ ପାଳିତ ହୋଇଯାଇଛି। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡ଼େଇ ଯୋଗଦେଇ ନେତାଜୀଙ୍କ ତ୍ୟାଗର ପଟାନ୍ତର ନାହିଁ ବୋଲି କହିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ବରିଷ୍ଠ ପ୍ରଶାସନିକ ଅଧିକାରୀ ବିଜୟ ପଟ୍ଟନାୟକ ଏବଂ ମୁଖ୍ୟବକ୍ତା ଭାବେ ପୂର୍ବତନ ଉପବାଚସ୍ପତି ତଥା ଏବେକାର କୃଷି ପରାମର୍ଶଦାତା ରାମଚନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା




ପ୍ରେସ୍ ଏକାଡେମୀର ଅଧ୍ୟକ୍ଷ ସଞ୍ଜୟ ପ୍ରଧାନ ଓ ସ୍ତମ୍ଭକାର ସୁଧାଂଶୁ ମହାପାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ ପଦ୍ମପୁରର ଖବରଦାତା ପ୍ରଶାନ୍ତ କୁମାର କରଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରାରମ୍ଭରେ ଓୟୁଡବ୍ଲୁଜେର ସଭାପତି ସୁଜ୍ଞାନ ଚୈଧୁରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ପବିତ୍ର କୁମାର ପାତ୍ର ବିବରଣୀ ପାଠ କରିଥିବା ବେଳେ ସାମ୍ବାଦିକ ଆଶୁତୋଷ ରଥ ଧନ୍ୟବାଦ ଦେଇଥିଲେ।

# ଛାତ୍ରୀଙ୍କ ଔଦ୍ୟୋଗିକ ପରିଭ୍ରମଣ




ଗୁଣପୁର, ୨୩।୧(ଡି.ଏନ୍.ଏ.)

ଗୁଣପୁର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ଧନ୍ଦାମୂଳକ ଶିକ୍ଷା ଅନ୍ତର୍ଗତ ଅଟୋମୋଟିଭ ତଥା ମୋଟରଯାନ କାରିଗରି ଟ୍ରେଡ୍‌ର ସମସ୍ତ ଛାତ୍ରୀ ଔଦ୍ୟୋଗିକ ପ୍ରରିଭ୍ରମଣରେ ଯାଇଥିଲେ। ସେମାନେ ହିରୋ ମୋଟୋକର୍ପ ସାଇସରଣ ଅଟୋମବାଇଲ୍ ସୋ' ରୁମକୁ ଯାଇ ମୋଟର ଯାନର ବିଭିନ୍ନ ଭାଗର କାର୍ଯ୍ୟ ପ୍ରଣାଳୀ, ମରାମତି ବିଷୟରେ ଅବଗତ ହୋଇଥିଲେ। ନୂତନ ଜ୍ଞାନକୌଶଳର ଆବଶ୍ୟକତା ଏବଂ ଉପୋଯଗିତା ବିଷୟରେ ମଧ୍ୟ ଜ୍ଞାନ ଆହରଣ କରିଥିଲେ। ସେହିଭଳି ଇଲେକ୍ଟ୍ରୋନିକ୍ସ ଏବଂ ହାର୍ଡୱେର ଟ୍ରେଡ୍‌ର ସମସ୍ତ ଛାତ୍ରୀ ଅନ୍ନପୂର୍ଣ୍ଣା ଇଲେକ୍ଟ୍ରୋନିକ୍ସ ଏବଂ ହାର୍ଡୱେରକୁ ଯାଇ ବିଭିନ୍ନ ଭାଗ, ପ୍ରଣାଳି, ମରାମତି ବିଷୟରେ ଅବଗତ ହୋଇଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ସାହୁ, ଧନ୍ଦାମୂଳକ ଶିକ୍ଷାର ପ୍ରଶିକ୍ଷକ ବିକ୍ରମଜିତ ପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଅନ୍ୟ ଶିକ୍ଷୟତ୍ରୀ ଶିକ୍ଷକ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଜୟନ୍ତୀରେ ମନେପଡ଼ିଲେ ନେତାଜୀ, ସାଏ

ଗୁଣପୁର, ୨୩।୧(ଡି.ଏନ୍.ଏ.)

ଗୁଣପୁରର ବିଭିନ୍ନ ସ୍ଥାନରେ ସୋମବାର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଗୁଣପୁର କଲେଜ ସ୍ଥିତ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। କଲେଜର ଅଧ୍ୟକ୍ଷ ନିଳମାଧବ ଦାସଙ୍କ ସମତେ ସୂର୍ଯ୍ୟ ନାରାୟଣ ପଣ୍ଡା, ପ୍ରାଧ୍ୟାପକ ଶଶୀଭୂଷଣ ମହାନ୍ତି, ଜି.ମହେଶ୍ୱର ରାଓ, ଅମୀୟ ରଞ୍ଜନ ମହାନ୍ତି, ଦେବ ପ୍ରସାଦ ପାଢ଼ୀଙ୍କ ସମେତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସେହିପରି ଜିଆଇଇଟି ବିଶ୍ୱବିଦ୍ୟାଳୟରେ ମଧ୍ୟ ନେତାଜୀ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳନ ହୋଇଛି। ରେଜିଷ୍ଟ୍ରାର ଏନ୍.ଭି.ଜେ. ରାଓ, ଡିନ୍ ଏକାଡେମିକ୍ସ ଏ.ଭି.ଏନ୍.ଏଲ. ଶର୍ମା, ସ୍କୁଲ ଅଫ ଇଞ୍ଜିନିୟରିଂ ଡିନ୍ ଏ.ବି. ଶ୍ରୀନିବାସ ରାଓ, ଏମ୍‌ବିଏ ବିଭାଗର ଡିନ୍ ଏମ୍. ଜଗଦୀଶ, ଡେପୁଟି ରେଜିଷ୍ଟ୍ରାର ଶିବ ପ୍ରସାଦ ତ୍ରିପାଠୀ ଏବଂ ଅନ୍ୟ ଛାତ୍ରୀଛତ୍ର ଓ ଅଧ୍ୟାପକ ବାଣୀ ପ୍ରସାଦ ନାୟକ, ଗୋପାଳକୃଷ୍ଣ ମହାନ୍ତି, ପ୍ରତିଭା କର ପ୍ରମୁଖ ଉପସ୍ଥିତ ଥିଲେ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମଧ୍ୟ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳନ ହୋଇଛି। ବଂଶଧାରା ଯୁକ୍ତ ୨ କଲେଜଠାରେ ଅଟଳ ବିହାରୀ ମୋମୋରିଆଲ ବାଜପେୟୀ ଟ୍ରଷ୍ଟ ପକ୍ଷରୁ ମଧ୍ୟ ନେତାଜୀଙ୍କ ଜୟନ୍ତୀ ଉତ୍ସବ ପାଳନ ହୋଇଥିଲା। ଏଥିରେ ସୂର୍ଯ୍ୟ ନାରାୟଣ ରଥ, ଶକ୍ତି ଦାସ, ଇନ୍ଦ୍ରାକ୍ଷୀ ପ୍ରସାଦ ଦାସ, ଲକ୍ଷ୍ମୀ ମହାଲ୍କୁଡ଼, ଚିନ୍ମୟ ପାଣିଗ୍ରାହୀ, ସତ୍ୟ ନାରାୟଣ ପ୍ରମୁଖ ଉପସ୍ଥିତ ଥିଲେ।

# ଟିକେନଙ୍କ ଶତକରେ ଟିଟିଲାଗଡ଼ ବିଜୟୀ



ଅତିଥିମାନେ ଜଣେ ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି।

ଚନ୍ଦାହାଣ୍ଡି, ୨୩।୧(ଡି.ଏନ୍.ଏ.)

**ଯାଦବ ମାଝି ସ୍ମାରକୀ ଆନ୍ତଃରାଜ୍ୟ କ୍ରିକେଟ**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଅଧୀନ ଦଣ୍ଡାମୁଣ୍ଡା ଗଦାଧର ଷ୍ଟାଡିୟମରେ ଚାଲିଥିବା ୨୩ ତମ ସ୍ୱର୍ଗତ ଯାଦବ ମାଝୀ ସ୍ମାରକୀ ଆନ୍ତରାଜ୍ୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପଞ୍ଚମ ଦିନ ଟିଟଲାଗଡ ଓ ଜୟପାଟଣା ମଧ୍ୟରେ ମ୍ୟାଚ ଖେଳାଯାଇଛି। ୨୦ ଓଭର ବିଶିଷ୍ଟ ମ୍ୟାଚରେ ଜୟପାଟଣା ଦଳ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ୧୬୮ ରନ ସଂଗ୍ରହ କରିଥିଲା। ଟିଟଲାଗଡ ଦଳ ଟିକେନ ସୋନିଙ୍କ ଶତକରେ ୫ ଉଇକେଟ ହରାଇ ଧାର୍ଯ୍ୟ ରନ କରିଦେଇଥିଲା। ଚନ୍ଦାହାଣ୍ଡି ବ୍ଲକ ଖବରଦାତା ମହମ୍ମଦ ହୁସେନ, ବିଜେଡି ନେତା ଶେଷମଲ ନାୟକ, ଯୁବ ବ୍ୟବସାୟୀ ଜଳେଶ୍ୱର ଗହିର ଟିକେନଙ୍କୁ ମ୍ୟାନ ଅଫ୍ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ। ସୌରୀରଞ୍ଜନ ସାହୁ, ବସନ୍ତ ବିଷୋୟୀ, ପ୍ରତାପ ଗୌଡ଼, ସଂଗ୍ରାମ ସାହୁ, ବଳରାମ ପଟ୍ଟନାୟକ, ଜଗଦିଶ ରାଉତ, ସୀମାଞ୍ଚଳ ଗଣ୍ଡା, ପବିତ୍ର, ପିଙ୍କୁ, ପପୁନ, ଗୁପ୍ତେ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ମଙ୍ଗଳବାର ସୁନ୍ଦରଗଡ ଓ ମହାବୀର ଏକାଦଶ ମଧ୍ୟରେ ମ୍ୟାଚ ହେବ।

# ମା' ଠାକୁରାଣୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ପାପଡ଼ାହାଣ୍ଡି/ମଇଦଲପୁର, ୨୩।୧(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ମଇଦଲପୁର ପଞ୍ଚାୟତ ଅଧୀନ ରାବଣଗୁଡ଼ାରେ ଚାଲିଥିବା ମା' ଠାକୁରାଣୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ଖେଳରେ ମୁଖ୍ୟ ଅତିଥିଭାବେ ବ୍ଲକ ଉପାଧ୍ୟକ୍ଷ ତଥା ଆରସିଏମ୍‌ଏସ୍ ସଭାପତି ସୁଶାନ୍ତ କୁମାର ବେହେରା ଉପସ୍ଥିତ ଥାଇ ଉଭୟ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଗତ ୧୫ ତାରିଖରୁ ଏହି ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଥିଲା । ମୋଟ ୧୬ଟି ଦଳ ଭାଗ ନେଇ ଥିବା ବେଳେ ଫାଇନାଲ ଜଟାବାଲ ଓ ପାଇକ କତରା ମଧ୍ୟରେ ଖେଳା ଯାଇଥିଲା। ଫାଇନାଲ ଖେଳରେ ଜଟାବାଲ ଦଳ ବିଜୟୀ ହୋଇଛି। ବିଜୟୀ ଦଳକୁ ୧୨ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସଅପ୍ ଦଳକୁ ୮୦୦୦ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ସରପଞ୍ଚ ଚନ୍ଦ୍ରଧ୍ୱଜ ମାଝି ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ଏହି ଖେଳ ଗ୍ରାମ କମିଟି ଦ୍ୱାରା ଆୟୋଜନ କରାଯାଇଥିଲା।


ମୁଖ୍ୟ ଅତିଥି ଜଣେ ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି।

## ବ୍ୟବସାୟୀଙ୍କ ଘରୁ ୨୦ ଭରି ସୁନାଗହଣା ଚୋରି

ବ୍ରହ୍ମପୁର ଅଫିସ, ୨୩।୧:

ଲୁଟିଆ ଗ୍ୟାଙ୍ଗ୍ ଜଣେ ବ୍ୟବସାୟୀ ସତ୍ୟନାରାୟଣ ରାୟଗୁରୁଙ୍କ ଘରେ କଳାକନା ବୁଲାଇଛନ୍ତି। ଗୃହକର୍ତ୍ତାଙ୍କ ଅନୁପସ୍ଥିତିରେ ତାଙ୍କ ଘର ତାଲା ଭାଙ୍ଗି ଦୁଇଟି ଆଲମୀରା ଓ ଲକରରୁ ୨୦ଭରି ସୁନାଗହଣା ଏବଂ ୩୦ ହଜାର ଟଙ୍କା ଚୋରିକରି ନେଇଯାଇଛନ୍ତି। ଏନେଇ ବଡ଼ବଜାର ଥାନାରେ ଅଭିଯୋଗ ପରେ ପୋଲିସ ନଂ.୧୭/୨୩ରେ ଏକ ମାମଲା ରୁଜୁ କରିଛି। ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ପୋଲିସ ଲୁଟିଆଙ୍କୁ କାବୁ କରିବା ପାଇଁ ଅନୁସନ୍ଧାନ ଚଳାଇଛି। ଚୋରି ହୋଇଥିବା ଘର ସମ୍ମୁଖରେ ଏକ ସିସିଟିଭି ଲାଗିଥିବା ବେଳେ ତାହା ଯାଞ୍ଚ ବେଳେ କାମ କରୁ ନ ଥିବା ଜଣାପଡ଼ିଛି।

# ୪ ବ୍ଲକର ୬୧ ପଞ୍ଚାୟତବାସୀ ପାଇବେ ବିଶୁଦ୍ଧ ପାନୀୟ ଜଳ

ମାଲକାନଗିରି, ୨୩।୧(ଡି.ଏନ୍.ଏ.)

**ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲା ବିଜେଡି**

ବିଶୁଦ୍ଧ ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ଓଡ଼ିଶା ଆଗକୁ ବଢୁଛି। ପାନୀୟ ଜଳ ଯୋଗାଣ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ମାଲକାନଗିରି ଜିଲା ପାଇଁ ୪ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ମଞ୍ଜୁର ହୋଇଛି। ମାଲକାନଗିରି ଜିଲାର ୪ ବ୍ଲକ ମାଲକାନଗିରି, କାଳିମେଳା, ଖଇରପୁଟ ଓ ମାଥିଲି ବ୍ଲକରେ ମୋଟ ୬୧ ପଞ୍ଚାୟତବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନିମନ୍ତେ ରାଜ୍ୟ ସରକାର ୬୩୯ କୋଟି ୨୭ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଏଥିପାଇଁ ଜିଲାବାସୀଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି। ଏହାଦ୍ୱାରା ଅନେକ ମାତ୍ରାରେ ଜଳକଷ୍ଟ ମଧ୍ୟ ଦୂର ହେବେ ବୋଲି ଜଣାପଡ଼ିଛି। ଏହାକୁ ନେଇ ମଲକାନଗିରି ସଦର ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କୃତଜ୍ଞତା ସଭା ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ମାଲକାନଗିରି ସଦର ବ୍ଲକ ଅଧକ୍ଷା ଗୌରି ପଡ଼ିଆମି ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପିଙ୍କ ପ୍ରତିନିଧି ବି. କାମେଶ୍ୱର ରାଓ, ବିଜେଡି ବରିଷ୍ଠ ନେତା ପ୍ରଫୁଲ୍ଲ ପଣ୍ଡା, ସଦର ବ୍ଲକ ସରପଞ୍ଚ ସଂଘ ସଭାପତି ଘାସି ନାୟକ, ବିଜେଡି ନେତା ଅଖିଳ ମଣ୍ଡଳ, ଯୁବ ନେତା କଣ୍ଟେସ ପୋଟଲା, ଗାନ୍ଧୀ ପଣ୍ଡା ଓ ସଦାନନ୍ଦ ଖରା ପ୍ରମୁଖ ଉପସ୍ଥିତ ଥିଲେ। ମାଲକାନଗିରି ଜିଲାର ଅନେକ ଆଭ୍ୟନ୍ତରୀଣ ଅଞ୍ଚଳ ଗୁଡ଼ିକରେ ପାନୀୟ ଜଳ ସମସ୍ୟା ଯୋଗୁ ଝରଣା ଏବଂ ପୋଖରୀ ପାଣି ବ୍ୟବହାର କରି ଅନେକ ଲୋକ ରୋଗାକ୍ରାନ୍ତ ହେଉଥିବା ନଜିର ରହିଛି। ତେଣୁ ରାଜ୍ୟ ସରକାରଙ୍କ ଏହି ପଦକ୍ଷେପ ଜିଲାବାସୀଙ୍କ ପାଇଁ ଖୁସିର ବିଷୟ ହୋଇଛି। ଏହାଦ୍ୱାରା ଜିଲାର ୩,୧୩,୬୨୦ ଜଣ ଜନସାଧାରଣ ଉପକୃତ ହେବେ ବୋଲି ଜଣାପଡ଼ିଛି।


ସଭାରେ ମାଲକାନଗିରି ସଦର ବ୍ଲକ ଅଧକ୍ଷା ଗୌରୀ ପଡ଼ିଆମି, ଦଳୀୟ ନେତା ପ୍ରଫୁଲ୍ଲ ପଣ୍ଡା ଓ ଅନ୍ୟମାନେ।

# ୧୪ ବର୍ଷ ଧରି ପର ଅଗଣାରେ ଚାଲିଛି ଅଙ୍ଗନୱାଡି କେନ୍ଦ୍ର

କୋଡିଙ୍ଗା, ୨୩।୧(ଡି.ଏନ୍.ଏ.)


ଗ୍ରାମର ଜଣେ ବ୍ୟକ୍ତିଙ୍କ ଘର ଅଗଣାରେ ଅଙ୍ଗନୱାଡି ପିଲାମାନେ ବସିଛନ୍ତି ।

ଆଜକୁ ୧୪ବର୍ଷ ହେବ ନିଜସ୍ୱ କୋଠା ନାହିଁ। କେତେବେଳେ କାହା ଅଗଣାରେ ତ କେତେବେଳେ କାହା ବାରଣ୍ଡାରେ। ଖରା ବର୍ଷାରେ ଚାଲୁଛି ଛୋଟ ପିଲା ଭବିଷ୍ୟତ ତିଆରି। ଏଥିସହ ମା' ଓ ଶିଶୁଙ୍କ ପାଇଁ ଥିବା ଯୋଜନାର ଲାଭ ଉଠାଇ ପାର ନ ଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଦିଗହରା ହୋଇପଡିଛି ସରକାରଙ୍କ ମା ଓ ଶିଶୁବିକାଶ ଯୋଜନା। ଏହା ହେଉଛି ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ସଦର ବାଲେଙ୍ଗା ପଞ୍ଚାୟତ ୨ନଂ ଅଙ୍ଗନୱାଡି କେନ୍ଦ୍ରର ଅବସ୍ଥା।

ବାଲେଙ୍ଗା ପଞ୍ଚାୟତ ୨ନଂ ଅଙ୍ଗନୱାଡି। ୨୦୦୭ରେ ନିଜସ୍ୱ ଏକ ଘରେ ଏହା ଚାଲୁଥିଲା। କିନ୍ତୁ ୨୦୦୯ରେ ଉକ୍ତ ଘରଟି ଭାଙ୍ଗି ନଷ୍ଟ ହୋଇଯାଇଥିଲା। ୨୦୦୯ରୁ ବର୍ତ୍ତମାନ ପର୍ଯ୍ୟନ୍ତ ଦୀର୍ଘ ୧୪ ବର୍ଷ ଧରି ଉକ୍ତ କେନ୍ଦ୍ରଟି ପ୍ରଥମେ ପ୍ରଥମେ ସ୍କୁଲ ବାରଣ୍ଡା ପରେ ଗ୍ରାମର ଏକ ମନ୍ଦିର ଓ ବିଭିନ୍ନ ଘର ଅଗଣାରେ ଚାଲିଛି। କୋଠା ନ ଥିବା ହେତୁ ଅଙ୍ଗନୱାଡି କେନ୍ଦ୍ରର ଯାବତୀୟ ସରଞ୍ଜାମ ଚେୟାର, ଟେବୁଲ ଖେଳନାଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ଚିକିତ୍ସା ପାଇଁ ଆବଶ୍ୟକୀୟ ଉପକରଣ କାମରେ ଲାଗୁ ନ ଥିବା ଅଙ୍ଗନୱାଡି କର୍ମୀ ଦେବକୀ ହରିଜନ କହିଛନ୍ତି । ଏହିପରି କି ଖୋଲା ସ୍ଥାନରେ ଗର୍ଭବତୀମାନେ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ସଙ୍କୋଚ ପ୍ରକାଶ କରୁଛନ୍ତି। କେବଳ ନାମକୁ ମାତ୍ର କେନ୍ଦ୍ରଟି କାର୍ଯ୍ୟକ୍ଷମ ଥିବାବେଳେ ଗ୍ରାମବାସୀ ଏଥିପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ଅଙ୍ଗନୱାଡି କେନ୍ଦ୍ରଟିଏ ନିର୍ମାଣ ପାଇଁ ବହୁବାର ଲୋକପ୍ରତିନିଧିଠାରୁ ଆରମ୍ଭ କରି ପ୍ରଶାସନ ନିକଟରେ ଦାବି କରିଆସୁଥିଲେ ମଧ୍ୟ କେହି ଶୁଣୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏନେଇ ଆମେ କୋଷାଗୁମୁଡା ସିଡିପିଓ ଯମୁନା ଭତରାଙ୍କ ସହ ଯୋଗାଯୋଗ କରିବାରୁ ନୂତନ କୋଠା ନିର୍ମାଣ ପାଇଁ ବିଭାଗ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇନାହିଁ। ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ପାଇଁ ଆସିଥିବା ତାଲିକାରେ ମଧ୍ୟ ବାଲେଙ୍ଗାର ନାମ ନାହିଁ। ଏନେଇ ବିଭାଗକୁ ଜଣାଯାଇ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

ଧରିତ୍ରୀ DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୪ ଜାନୁୟାରୀ, ୨୦୨୩



## ସଂକ୍ଷେପରେ

### ଟ୍ରକ୍‌କୁ ଧକ୍କାଦେଲା ବାଇକ୍, ଜଣେ ମୃତ

ବିଷମକଟକ,୨୩ା୧(ଡି.ଏନ୍.ଏ.)- ବିଷମକଟକ ବ୍ଲକ ଭାତପୁର ପଞ୍ଚାୟତର ବୃନ୍ଦାବତୀ ଗାଁ ଛକ ନିକଟରେ ରବିବାର ରାତିରେ ଏକ ବାଇକ୍ ଟ୍ରକ୍‌କୁ ପଛରୁ ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବୃନ୍ଦାବତୀ ଗ୍ରାମର ନବୀନ ମୋନଦ୍ଦିଆ(୩୦)। ନବୀନ ରାତିରେ ବାଇକ୍(ଓଡି ୧୮ ଜି ୩୧୧୪) ଯୋଗେ ନୂଆଁଗାଁ ନିକଟରେ ଥିବା ଢାବାକୁ ଖାଇବାକୁ ଯାଇଥିଲେ। ସେଠାରୁ ଫେରିବା ସମୟରେ ନିୟନ୍ତ୍ରଣ ହରାଇ ବୃନ୍ଦାବତୀ ଛକ ନିକଟରେ ଛିଡ଼ା ହୋଇଥିବା ଏକ ଟ୍ରକ୍(ସିଜି ୦୬ ଜିଜି ୫୮୯୬)କୁ ପଛରୁ ଧକ୍କା ଦେଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବିଷମକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ତେବେ ଡାକ୍ତର ସେଠାରେ ନବୀନଙ୍କୁ ମୃତ ଘୋଷଣା କରିଥିଲେ। ନିଶାସକ୍ତ ଅବସ୍ଥାରେ ନିୟନ୍ତ୍ରଣ ହରାଇ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିବା ଥାନା ଅଧିକାରୀ ସୁମତୀ ମହାନ୍ତି କହିଛନ୍ତି।

### ବିଭିନ୍ନ ବିଦ୍ୟାଳୟରେ ନେତାଜୀ ଜୟନ୍ତୀ



ଚିତ୍ରକୋଣ୍ଡା,୨୩ା୧(ଡି.ଏନ୍.ଏ.) ଚିତ୍ରକୋଣ୍ଡା ଏସ୍‌ଏସ୍‌ଡି ଯୁକ୍ତ ୨ ବିଜ୍ଞାନ ମହାବିଦ୍ୟାଳୟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳନ କରାଯାଇଛି। ମହାବିଦ୍ୟାଳୟର ଅଧକ୍ଷ ସୌମ୍ୟ ରଞ୍ଜନ ଦାସଙ୍କ ଅଧକ୍ଷତାରେ ଏବଂ ଅଧାପକ ଅଶୋକ କୁମାର ସାହୁ, ରଞ୍ଜନ କୁମାର ସାହୁ, କିଶୋର କୁମାର ଖିଲ ଏବଂ ଗୌରୀ ଗୌଡ଼ ଙ୍କ ସହଯୋଗରେ ସମସ୍ତ ଛାତ୍ରୀଛାତ୍ରଙ୍କୁ ନେଇ ନେତାଜୀଙ୍କ ଜୟନ୍ତୀ ପାଳନ ସହ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ସେଇଭଳି ଚିତ୍ରକୋଣ୍ଡା ସ୍ଥିତ ଏସ୍‌ଏସ୍‌ଡି ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀଙ୍କ ଅଧକ୍ଷତାରେ ଛାତ୍ରୀମାନଙ୍କୁ ନେଇ ନେତାଜୀଙ୍କ ଜୟନ୍ତୀ ପାଳନ କରାଯାଇଛି। ଚିତ୍ରକୋଣ୍ଡା ଡିଏଭି ଗୁରୁକୁଳରେ ମଧ ନେତାଜୀଙ୍କ ଜୟନ୍ତୀ ପାଳନ କରାଯାଇଛି।

### ଓମ୍‌କାରଙ୍କ ପ୍ରକଳ୍ପ ପ୍ରମୁଖ ଅକର୍ଷଣ
#### ଚଇତି ବିଜ୍ଞାନ ମେଳା




ରାୟଗଡ଼ା,୨୩ା୧(ସ୍ୱ.ପ୍ର.)- ଚଳିତ ବର୍ଷ ଚଇତିରେ ହୋଇଥିବା ବିଜ୍ଞାନ ମେଳାର ମୁଖ୍ୟ ଆକର୍ଷଣ ପାଲଟିଛନ୍ତି ଜଣେ ୩ୟ ଶ୍ରେଣୀ ଛାତ୍ର। ସେ 'ସଷ୍ଟେନେବଲ ଡେଭଲପମେଣ୍ଟ'(ସ୍ଥାୟୀ ବିକାଶ) ପ୍ରକଳ୍ପ ପ୍ରସ୍ତୁତ କରିଥିଲେ। ସେ ହେଲେ ଇନ୍ଦିରା ନଗର ୨ୟ ଗଳିର ଶିବାଜୀ ଦାସଙ୍କ ପୁଅ ଓମ୍‌କାର। ଓମକାରଙ୍କ ଏହି ପ୍ରୋଜେକ୍ଟ ଦେଖିବା ଓ ଏହା ବିଷୟରେ ଜାଣିବା ପାଇଁ ଛାତ୍ରୀଛାତ୍ର ଏବଂ ବହୁ ବ୍ୟକ୍ତିଙ୍କ ସୁଅ ଛୁଟୁଛି। ଦର୍ଶକ ଓମ୍‌କାରଙ୍କ ଠାରୁ ତାଙ୍କ ପ୍ରୋଜେକ୍ଟ ବିଷୟରେ ଶୁଣି ପ୍ରଂଶସା କରୁଛନ୍ତି। ଏହି ପ୍ରୋଜେକ୍ଟ ମାଧମରେ ପବନ, ବର୍ଷାଜଳ ଏବଂ ସୌରଶକ୍ତିର ବ୍ୟବହାରରେ କିଭଳି ବିଭିନ୍ନ କାର୍ଯ୍ୟ ସମ୍ପାଦନ କରିହେବ ସେ ନେଇ ଦର୍ଶକଙ୍କୁ ବୁଝାଇ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ବର୍ଷା ଜଳ ଦ୍ୱାରା କିଭଳି ବିଭିନ୍ନ ଚାଷ କରିବା ସହିତ ସୌର ଶକ୍ତିକୁ ବ୍ୟବହାର କରି ବିଦ୍ୟୁତ୍ ଉତ୍ପାଦନ କରାଯିବା ଏବଂ ଗ୍ଲୋବାଲ ୱାର୍ମିଂ ରୋକିହେବ ସେ ନେଇ ଓମ୍‌କାରଏହି ପ୍ରୋଜେକ୍ଟରେ ପ୍ରଦର୍ଶନ କରିଛନ୍ତି।

# କପା ମିଲର୍ସଙ୍କୁ ବଜାର ଫି ଛାଡ଼ ନିର୍ଦ୍ଦେଶ

## ରାୟଗଡ଼ା ଜିଲାରେ ୪କୋଟି ରାଜସ୍ୱ ହାନି ଆଶଙ୍କା

ରାୟଗଡ଼ା,୨୩ା୧(ସ୍ୱ.ପ୍ର.)

ରାୟଗଡ଼ା ଜିଲାରେ କପା ମିଲର୍ସଙ୍କୁ ବଜାର ଫି ଛାଡ଼ ପାଇଁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ହୋଇଛି। ଏ ନେଇ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ପକ୍ଷରୁ ଜିଲାର ଦୁଇ ଆର୍‌ଏମ୍‌ସି ରାୟଗଡ଼ା ଓ ଗୁଣପୁରକୁ ଚିଠି ମାଧମରେ ନିର୍ଦ୍ଦେଶ ଦିଆଯାଇଛି। ପ୍ରକାଶଯୋଗ୍ୟ, ଧାନ ପରେ ଦ୍ୱିତୀୟ ବୃହତ ଫସଲ ଭାବେ ଧଳାସୁନାର ଆଖ୍ୟା ପାଇଛି ରାୟଗଡ଼ା ଜିଲାର କପା। ଜିଲାରେ ଅଧିକ କପାଚାଷ ହେଉଥିବା ବେଳେ ଚାଷୀ ଏହାର ଉଚିତ ମୂଲ୍ୟ ପାଇପାରୁ ନାହାନ୍ତି। ଅପରପକ୍ଷେ ଚାଷୀ କ୍ଷତି ସହୁଥିବା ବେଳେ ରାଜ୍ୟ ବାହାର କପା ମିଲର୍ସ ଏହାର ଲାଭ ଉଠାଉଛନ୍ତି।ବାହାର ରାଜ୍ୟରୁ ଆସି ଏଠାରେ କପା ମିଲ୍ କରି ମାଲାମାଲ ହେଉଥିବା ବେଳେ ଜିଲା ପ୍ରଶାସନ ପକ୍ଷରୁ ମିଲର୍ସଙ୍କୁ ଅହେତୁକ ଅନୁକମ୍ପା ମିଳିଥିବା ଜଣାପଡ଼ିଛି। କପା ମିଲର୍ସଙ୍କୁ ଚଳିତ ବର୍ଷ କପା ଉପରେ ବଜାର ଫି ଛାଡ଼ କରିବା ପାଇଁ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ଚିଠି ନଂ. ୫ରେ ଦର୍ଶାଯାଇଛି। ରାୟଗଡ଼ା ଓ ଗୁଣପୁର ସ୍ଥିତ ଦୁଇ ଆର୍‌ଏମ୍‌ସିକୁ ଫି ଛାଡ଼ ନେଇ ଚିଠିରେ ନିର୍ଦ୍ଦେଶ ରହିଛି। ଉକ୍ତ ଚିଠି ଅନୁଯାୟୀ କପା ମିଲର୍ସ ମାନେ ଜାନୁୟାରୀ ୫ରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏବେ କପାର ଦର ସରକାରଙ୍କ ଧାର୍ଯ୍ୟ ଏମ୍‌ଏସ୍‌ପି ଠାରୁ ଅଧିକ ରହିଛି ଏବଂ ଚଳିତ ବର୍ଷ ପାଣିପାଗ ଠିକ ନ ଥିବାରୁ କପା ଉତ୍ପାଦନ କମିଯାଇଥିବା ଏଥିରେ ଦର୍ଶାଇଥିଲେ। ଏହି ଚିଠିକୁ ଭିତ୍ତିକରି ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ପକ୍ଷରୁ ବଜାର ଫି ଛାଡ଼ ପାଇଁ ଆର୍‌ଏମ୍‌ମସିକୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ, ରାୟଗଡ଼ା ଆର୍‌ଏମ୍‌ସିରେ କପା ବାବଦକୁ ବାର୍ଷିକ ପ୍ରାୟ ୧କୋଟି ଏବଂ ଗୁଣପୁର ଆର୍‌ଏମ୍‌ସିରେ ସର୍ବାଧିକ ୩କୋଟି ଟଙ୍କା ରାଜସ୍ୱ ଆଦାୟ ହୋଇଥାଏ। ହେଲେ ଜିଲାପାଳଙ୍କ ଏହି ନିର୍ଦ୍ଦେଶ ପରେ ଜିଲାରେ ପ୍ରାୟ ୪କୋଟି ଟଙ୍କାର ରାଜସ୍ୱ ହାନି ଘଟିବ ବୋଲି ଜଣାପଡ଼ିଛି। ବଜାର ଫି ଆଦାୟ ହେଉ ନଥିବାରୁ ମିଲର୍ସ ମାଲାମାଲ ହେଉଛନ୍ତି।

ଅପରପକ୍ଷେ ସରକାର କୁଇଣ୍ଟାଲ ପିଛା ୬ ହଜାର ୩୮୦ ଟଙ୍କା ଧାର୍ଯ୍ୟ କରିଥିବା ବେଳେ ଚାଷୀ ଏହାଠାରୁ ପ୍ରାୟ ଏକ ହଜାର ଟଙ୍କା ଅଧିକ ଦରରେ ବିକ୍ରି କରୁଥିବା ଜଣାପଡ଼ିଛି। ଫଳରେ ମିଲର୍ସ ଅନେକ କ୍ଷତି ସହୁଛନ୍ତି । ବ୍ୟବସାୟୀମାନେ ସିଧାସଳଖ ଚାଷୀଙ୍କ ଠାରୁ କପା କିଣିବା ଦ୍ୱାରା ଆର୍‌ଏମସିର କୌଣସି କାର୍ଯ୍ୟ ରହୁନାହିଁ । ଏଣୁ ବଜାର ଫି ଛାଡ଼ ପାଇଁ ଚିଠିରେ ଉଲ୍ଲେଖ ରହିଛି। ଜିଲପାଳଙ୍କ ଏହି ଚିଠି ଆଧାରରେ ଆର୍‌ଏମ୍‌ସି ପକ୍ଷରୁ କପା ମିଲର୍ସଙ୍କୁ ବଜାର ଫି ଛାଡ଼ କରାଯାଇଛି। ତେବେ ଏଥିରେ ଚାଷୀର କୌଣସି ଲାଭ ହେବ ନାହିଁ ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି। ଅଧିକ ଦର ବୋଲି ମିଲରମାନେ ଜିଲାପାଳଙ୍କୁ ଚିଠିରେ ଜଣାଇଥିବ ବିଷୟ ମିଛ ବୋଲି ଅନୁସନ୍ଧାନରୁ ଜଣାପଡିଛି। ଦଲାଲମାନେ ଚାଷୀଙ୍କ ଠାରୁ କପା କିଣି ଅଧିକ ଦରରେ ବିକି ଲାଭ ପାଉଛନ୍ତି। ମିଲର୍ସ ଭୁଲ ତଥ୍ୟ ଦେଇ ଏହାର ଫାଇଦା ନେଉଥିବା ଜଣେ କପା ଚାଷୀ ପ୍ରକାଶ କରିଛନ୍ତି। ମିଲର୍ସଙ୍କୁ ବଜାର ଫି ଛାଡ଼ କଲେ ଚାଷୀର କୌଣସି ଲାଭ ନାହିଁ। ବରଂ ଏଥିରେ ଜିଲାର ରାଜସ୍ୱ ହାନି ହେବ ବୋଲି ମତପ୍ରକାଶ ପାଇଛି। ଏ ନେଇ ଜଣେ କପା ମିଲରଙ୍କ ସହ ଆଲୋଚନା ବେଳେ ସେ କହିଛନ୍ତି, କଳାହାଣ୍ଡି, ବଲାଙ୍ଗୀର, ନୂଆପଡ଼ା ଆଦି ଜିଲାରେ ବଜାର ଫି ଛାଡ଼ ରହିଛି । ଏ ନେଇ ଜିଲାପାଳଙ୍କୁ ଅବଗତ କରାଯିବା ପରେ ସେ ରାୟଗଡ଼ା ଜିଲାରେ ବଜାର ଫି ଛାଡ଼ କରିବାକୁ ଆର୍‌ଏମ୍‌ସିକୁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ଏ ପର୍ଯ୍ୟନ୍ତ ବଜାର ଫି ଛାଡ଼ ହୋଇନାହିଁ। ଅନ୍ୟପକ୍ଷରେ ଆର୍‌ଏମ୍‌ସି କର୍ମଚାରୀଙ୍କ ସୂଚନା ଅନୁଯାୟୀ, ଏ ପର୍ଯ୍ୟନ୍ତ ଚାଷୀ କପା ବିକ୍ରି କରିନାହାନ୍ତି। ସରକାରୀ ନିୟମ ଓଏପିଏମ ଆକ୍ଟ – ୧୯୫୬ ଅନୁଯାୟୀ ବ୍ୟବସାୟୀଙ୍କ ଠାରୁ ବଜାର ଫି ନିଆଯିବା କଥା। ହେଲେ ବଜାର ଫି ଛାଡ଼ କରି ବାର୍ଷିକ ପ୍ରାୟ ୪ କୋଟି ରାଜସ୍ୱ ଛାଡ଼ କାହା ସ୍ୱାର୍ଥରେ ବୋଲି ବୁଦ୍ଧିଜୀବୀ ପ୍ରଶ୍ନ ଉଠାଇଛନ୍ତି। ସେହିପରି ବଜାର ଫି ଛାଡ ନିର୍ଦ୍ଦେଶ ପରେ ଆର୍‌ଏମ୍‌ସି କର୍ମଚାରୀ ମଧ ହାତବାନ୍ଧି ବସିଛନ୍ତି। କାରଣ ସେମାନଙ୍କ ପାଖରେ ଆଉ କୌଣସି କାମ ନାହିଁ। ଏ ବିଷୟରେ ସମବାୟ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ବଜାର ଫି କେଉଁ ପରିସ୍ଥିତିରେ ଛାଡ଼ କରାଯାଇଛି ତାହାର ସମୀକ୍ଷା କରାଯିବ।

# ମନ୍ତ୍ରୀ, ଜିଲାପାଳଙ୍କୁ ନାଗରିକ ମଞ୍ଚର ସମ୍ବର୍ଦ୍ଧନା




କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରମିଳା ମଲିକ, ଟୁକୁନି ସାହୁ, ଜଗନ୍ନାଥ ସାରକା ଓ ଅନ୍ୟମାନେ ।

## ଜେଏସ୍‌କୋ ଅଧୀନରୁ ଫେରିଲା ସିଲିଂ ଜମି

ରାୟଗଡ଼ା ଅଫିସ/ରାୟଗଡ଼ା (ସ୍ୱ.ପ୍ର.),୨୨ା୧

ଜୟପୁର ସୁଗାର କମ୍ପାନୀ ଲିମିଟେଡ(ଜେଏସ୍‌କୋ) ଅଧୀନରେ ଥିବା ୫୦୬ ଏକର ସରକାରୀ ସିଲିଂ ଜମି ସରକାରୀ ଖାତାକୁ ଫେରାଇ ଆଣିବା ଦିଗରେ ସରକାର ଓ ଜିଲା ପ୍ରଶାସନର କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ନାଗରିକ ମଞ୍ଚ ପକ୍ଷରୁ ଏ ନେଇ ସ୍ଥାନୀୟ ଅଶୋକ କଲ୍ୟାଣ ମଣ୍ଡପ ଠାରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଏଥିରେ ଜିଲାପାଳ ଏବଂ ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସିଲିଂ ଜମି ରାଜସ୍ୱ ବିଭାଗ ଖାତାକୁ ଫେରିବା ଦ୍ୱାରା ସହରରେ ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ ବୋଲି ମତପ୍ରକାଶ ପାଇଛି।

ସମ୍ବର୍ଦ୍ଧନା ସଭାରେ ଆଦିବାସୀ କଲ୍ୟାଣ ଓ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା, ଜିଲା ପରିଷଦ ଅଧକ୍ଷା ସରସ୍ୱତୀ ମାଝି, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷା ଅନୁସୟା ମାଝି, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ସୁଧୀର ଦାସ, ଜିଲାପାଳ ସ୍ୱଧା ଦେବ ସିଂ, ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ, ଉପଜିଲାପାଳ ଭୀମସେନ ଶବର, ତହସିଲଦାର ତାପସ ରାଉତ, ଏସ୍‌ପି ବିବେକାନନ୍ଦ ଶର୍ମା ଉପସ୍ଥିତ ଥିଲେ। ସେମାନଙ୍କୁ ମଧ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ମଞ୍ଚ ପକ୍ଷରୁ ଉକ୍ତ ଜମିର ସୁବିନିଯୋଗ ପାଇଁ ନିବେଦନ କରାଯାଇଛି। ମୁଖ୍ୟତଃ ମେଡିକାଲ କଲେଜ, ଏୟାରପୋର୍ଟ, ବୃହତ ଷ୍ଟାଡିୟମ, ନୂତନ କଲେଜ, ନୂତନ ହାଇସ୍କୁଲ, ନୂତନ ବସଷ୍ଟାଣ୍ଡ ଭଳି ପ୍ରକଳ୍ପ ନିର୍ମାଣ କରିବାକୁ ନିବେଦନ କରାଯିବା ସହ ଏକ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିପୂର୍ବରୁ ରାୟଗଡ଼ାର ଅଧିଷ୍ଠାତ୍ରୀ ଦେବୀ ମାଁ ମଝିଘରିଆଣୀ ମନ୍ଦିର ପାଇଁ ରେଳବାଇ ବୋର୍ଡ ୬.୩୦ ଏକର ଜମି ଅଞ୍ଚଳ ବଦଳ କରିଥିବା ବେଳେ ଏବେ ୫୦୬ ଏକର ଜମି ସରକାରୀ ଖାତାକୁ ଫେରିବା ଛୋଟ କଥା ନୁହେଁ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି। ଜେଏସ୍‌କୋଠାରୁ ଏହି ଜମି ଫେରାଇ ଆଣିବା ଦିଗରେ ୧୦ ବର୍ଷ ହେଲା ନାଗରିକ ମଞ୍ଚ ଉଦ୍ୟମ ଚଳାଇଥିଲା ବୋଲି କୁହାଯାଇଛି। କାର୍ଯ୍ୟକ୍ରମରେ ମଞ୍ଚର ଉପସଭାପତି ବ୍ରଜସୁନ୍ଦର ନାୟକ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସହରର ଆଇନଜୀବୀ, ଗଣମାଧ୍ୟମ ପ୍ରତିନିଧି, ବ୍ୟବସାୟୀ, ସାମାଜିକକର୍ମୀ, ରାଜନେତା ପ୍ରମୁଖ ସାମିଲ ଥିଲେ।

# ଲୋକଙ୍କ ସହ ସୁସମ୍ପର୍କର ଉଦ୍ୟମ କରୁଛି ବିଏସ୍‌ଏଫ୍

## ଯାନବାଇରେ ଜନସମ୍ପର୍କ ଶିବିର

ମାଲକାନଗିରି/ଚିତ୍ରକୋଣ୍ଡା, ୨୩ା୧(ଡି.ଏନ.ଏ.)




ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ସ୍ୱାଭିମାନ ଅଞ୍ଚଳ ଯାନବାଇ ଗ୍ରାମ ନିକଟରେ ସୋମବାର ବିଏସ୍‌ଏଫ ପକ୍ଷରୁ ଜନସମ୍ପର୍କ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ପାହୁଲପଦର, ବଡ଼ପଦର, ହାଟଗୁଡ଼ା, ସାରକୁବନ୍ଧ ଗ୍ରାମର ପ୍ରାୟ ୩୦୦ ଗ୍ରାମବାସୀଙ୍କୁ ବିଏସ୍‌ଏଫ୍ ପକ୍ଷରୁ ଚପଲ, କପଡ଼ା, ରେଡିଓ, ଔଷଧ, ଟର୍ଚ୍ଚ ପ୍ରଦାନ କରାଯାଇଛି। ଏହି ଅବସରରେ ୮୮ ବାଟାଲିୟନର କମାଣ୍ଡାଣ୍ଟ ବିନୋଦ ସୋରେନ ଏବଂ ମାଲକାନଗିରି ବିଏସ୍‌ଏଫ୍ ଡିଜି ଶୁଭଞ୍ଜନ ମହାପାତ୍ର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଡିଜି କହିଛନ୍ତି, ଏପରି କଲ୍ୟାଣମୂଳକ କାର୍ଯ୍ୟକ୍ରମ ସ୍ଥାନୀୟ ଲୋକଙ୍କୁ ତଥା ବିଏସଏଫ୍‌କୁ ପୁରସ୍କର ସହ ବାର୍ତ୍ତାଳାପ କରିବାର ସୁଯୋଗ ଦେଇଥାଏ। ବିଏସ୍‌ଏଫ୍ ଅଞ୍ଚଳବାସୀଙ୍କ ସହ ସୁସମ୍ପର୍କ ସ୍ଥାପନ ନିମନ୍ତେ ଲୋକଙ୍କୁ ସଚେତନ କରିବା ପାଇଁ ଏଭଳି ପଦକ୍ଷେପ ନେଇଛି ବୋଲି ସେ କହିଛନ୍ତି।

# କର୍ତ୍ତବ୍ୟ ବୋଧ ଦିବସ ପାଳିତ

ଉମରକୋଟ, ୨୩ା୧(ସ୍ୱ.ପ୍ର.)

ଉମରକୋଟ ଡିଏନ୍‌କେଠାରେ ରାଷ୍ଟ୍ରବାଦୀ ଶିକ୍ଷକ ପରିଷଦ ନବରଙ୍ଗପୁର ଶାଖା ପକ୍ଷରୁ ଶ୍ରୀ କଳିଙ୍ଗ ବିଦ୍ୟାପୀଠ ଓ ବୈଦିକ ଗୁରୁକୁଳ ଆଶ୍ରମରେ କର୍ତ୍ତବ୍ୟ ବୋଧ ଦିବସ ପାଳନ କରାଯାଇଛି। ସଙ୍ଗଠନ ସଭାପତି ଶ୍ରୀନିବାସ ମହାରଣା ସ୍ୱାଗତ ଭାଷଣ ଦେଇଥିଲେ। ବକଦା ହାଇସ୍କୁଲ ଗଣିତ ଶିକ୍ଷକ ସଚ୍ଚିଦାନନ୍ଦ ମହାପାତ୍ର ଭକ୍ତି ସଂଗୀତ ଗାନ କରିଥିଲେ। ସମ୍ପାଦକ ବାବୁରାମ ସାହୁ ସଭା ପରିଚାଳନା କରିଥିଲେ। ବରିଷ୍ଠ ଆଇନଜୀବୀ ସତ୍ୟବ୍ରତ ସାମଲ, ସଂଗଠନର ରାଜ୍ୟ ମିଡ଼ିଆ ପ୍ରମୁଖ ଅଞ୍ଜନ ଜେନା, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଦିଲ୍ଲୀପ ପଟ୍ଟନାୟକ, ଗଣ୍ଡୱାନା ସମାଜର ସଭାପତି ସନଧର ମାଝି, ଅବିଭକ୍ତ କୋରାପୁଟ ଜିଲାର ଶିକ୍ଷକ ନେତା ଲକ୍ଷ୍ମୀକାନ୍ତ ବାହିନୀପତି ଅତିଥିଭାବେ ଯୋଗଦେଇ ସନାତନ ଧର୍ମ, ସଂସ୍କୃତି ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନରେ ଜିଲାର ବିଭିନ୍ନ ବିଦ୍ୟାଳୟ ରୁ ଆସିଥିବା ସଂସ୍କୃତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ସଂସ୍କୃତ ଭାଷା ଓ ସଂସ୍କୃତି ମଧ୍ୟରେ ଥିବା ଗଭୀର ସମ୍ପର୍କ ବିଷୟରେ ମତ ରଖିଥିଲେ। ଏହାର ସୁରକ୍ଷା ପାଇଁ ସରକାର ତଥା ପ୍ରତ୍ୟକ ନାଗରିକ ଯତ୍ନଶୀଳ ହେବା ପାଇଁ ସେମାନେ ପରାମର୍ଶ ଦେଇଥିଲେ। ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରକାଶ ଦାସ କାର୍ଯ୍ୟକ୍ରମ ଧନ୍ୟବାଦ ଦେଇଥିଲେ।

# ସିଆର୍‌ପିଏଫ୍ ପକ୍ଷରୁ ଜନସମ୍ପର୍କ ଶିବିର




ଅସହାୟ ମହିଳାଙ୍କୁ ଶୀତବସ୍ତ୍ର ପ୍ରଦାନ କରାଯାଉଛି।

ଚନ୍ଦ୍ରପୁର,୨୩ା୧(ଡି.ଏନ୍.ଏ.)

ଚନ୍ଦ୍ରପୁର ବ୍ଲକ ସଦର ସ୍ଥିତ ସିଆରପିଏଫ୍ ୮ମ ବାଟାଲିୟନ ପକ୍ଷରୁ ସୋମବାର ଚନ୍ଦ୍ରପୁର ଥାନା ପରିସରରେ ଏକ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଚନ୍ଦ୍ରପୁର ବ୍ଲକ ଅଧକ୍ଷ କଇନ କିମ୍ବାକା ଯୋଗ ଦେଇଥିଲେ। ସିଆର୍‌ପିଏଫ୍ ସହ ସୁସମ୍ପର୍କ ଏବଂ ଉତ୍ତମ ବୁଝାମଣା ରଖିବା ପାଇଁ କମାଣ୍ଡାଣ୍ଟ ଦେବ ପୀୟୂଷ ଭରଦ୍ୱାଜ ଅଞ୍ଚଳର ଜନସାଧାରଣଙ୍କୁ ବୁଝାଇଥିଲେ। ସମ୍ମାନିତ ଅତିଥି ରୂପେ ସହକାରୀ କମାଣ୍ଡାଣ୍ଟ ସନ୍ତୋଷ କୁମାର, ଇନ୍ସପେକ୍ଟର ଅମରେଶ ସିଂ, ତହସିଲଦାର ଅଶୋକ କୁମାର ତ୍ରିପାଠୀ, ଚନ୍ଦ୍ରପୁର ଥାନା ଅଧିକାରୀ ଆଶ୍ରିତା ଖାଲ୍‌କୋ, ଜିଲା ପରିଷଦ ସଭ୍ୟ ସୁଜିତ ବ୍ରେଡେକା ପ୍ରମୁଖ ଉପସ୍ଥିତ ଥିଲେ। ପରେ ଦାରାଗୁଡ଼ା, ଟିଡାଗୁଡ଼ି, କଙ୍ଗିଡିମା ପ୍ରଭୃତି ଗ୍ରାମର ବୟସ୍କ ଓ ଅସହାୟ ମହିଳାଙ୍କୁ ଶୀତବସ୍ତ୍ର ପ୍ରଦାନ କରାଯାଇଥିଲା।

# ସାଇକେଲ ମରାମତି ଦୋକାନରେ ଅଗ୍ନିକାଣ୍ଡ

## ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ଜିନିଷପତ୍ର ନଷ୍ଟ

କୋରୁକୋଣ୍ଡା,୨୩ା୧(ଡି.ଏନ୍.ଏ.)



ଅଗ୍ନିଶମ କର୍ମଚାରୀ ନିଆଁକୁ ଆୟତ୍ତ କରୁଛନ୍ତି।

ମାଲକାନାଗିରି ଜିଲା କୋରୁକୋଣ୍ଡା ବ୍ଲକ ସଦର ମଉଳିମାଁ ଛକ ସ୍ଥିତ ଏକ ସାଇକେଲ ମରାମତି ଦୋକାନରେ ନିଆଁ ଲାଗି ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ଜିନିଷପତ୍ର ନଷ୍ଟ ହୋଇଛି। ଏମ୍‌ଭି–୩୧ ଗ୍ରାମର ସହଦେବ ବିଶ୍ୱାସ ଦୀର୍ଘଦିନ ଧରି କୋରୁକୋଣ୍ଡାରେ ରହି ସାଇକେଲ ମରାମତି କରି ପରିବାର ଚଳାଉଛନ୍ତି। ସୋମବାର ସାପ୍ତାହିକ ହାଟ ଥିବାରୁ ସାଇକେଲ ମରାମତି ପାଇଁ ଗ୍ରାହାକଙ୍କ ଭିଡ଼ ଥିଲା। ଏହି ସମୟରେ ଦୋକାନ ଘର ମଧ୍ୟରୁ ଧୂଆଁ ବାହାରିବା ସହଦେବ ଦେଖିଥିଲେ। ଭିତରକୁ ଯାଇ ଦେଖିବାବେଳେ ନିଆଁ ଲାଗିଥିବା ଜାଣିବାକୁ ପାଇଥିଲେ। ସହଦେବ ଉପାୟଶୂନ୍ୟ ହୋଇ ପାଟି କରୁଥିବାବେଳେ ସ୍ଥାନୀୟ ଲୋକେ କୋରୁକୋଣ୍ଡା ଦମକଳ କେନ୍ଦ୍ରକୁ ସୂଚନା ଦେଇଥିଲେ। ଦାମକଳ କେନ୍ଦ୍ର ଦାୟିତ୍ୱରେ ଥିବା କୃଷ୍ଣଚନ୍ଦ୍ର ଶବର କର୍ମଚାରୀଙ୍କୁ ନେଇ ଘଟଣାସ୍ଥଳରେ ପହଞ୍ଚିଥିଲେ ମଧ ଘରେ ବିଦ୍ୟୁତ୍ ସଂଯୋଗ ଥିବାରୁ ଭିତରକୁ ଯିବାକୁ ସାହସ କରି ନ ଥିଲେ। ବିଦ୍ୟୁତ୍ ବିଭାଗ ପକ୍ଷରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯିବା ପରେ ନିଆଁକୁ ଆୟତ୍ତ କରାଯାଇଥିଲା। ଶର୍ଟ୍‌ସର୍କିଟ ଯୋଗୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ତେବେ ନିଆଁ ଲଗିବାର ପ୍ରକୃତ କାରଣ ସ୍ପଷ୍ଟ ହୋଇ ନ ଥିବା ଜଣାପଡ଼ିଛି।

# ପ୍ରଥମ ମିନାଖୋଲା ତ୍ରିବେଣୀ ମହୋତ୍ସବ ପ୍ରସ୍ତୁତି

## ଯୋଗଦେବେ ସୁନାମଧନ୍ୟ ସଙ୍ଗୀତଜ୍ଞ, କଳାକାର

ଚନ୍ଦ୍ରପୁର,୨୩ା୧(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ସ୍ଥିତ ପ୍ରାଚୀନ ଶୈବପୀଠ ମିନାଖୋଲାଠାରେ ପ୍ରଥମ ତ୍ରିବେଣୀ ମହୋତ୍ସବ ପାଳନ ନେଇ ଚନ୍ଦ୍ରପୁର ପ୍ରେସ୍‌କ୍ଲବ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଫେବୃୟାରୀ ୧୮ରେ ମହାଶିବରାତ୍ରି ଯାତ୍ରା ଅନୁଷ୍ଠିତ ହେବ। ଏଥିପୂର୍ବରୁ ୧୭ରେ ନୂତନ ଭାବେ ମିନାଖୋଲା ତ୍ରିବେଣୀ ମହୋତ୍ସବ କରାଯାଇ ଏକ ସାଂସ୍କୃତିକ ସମାରୋହ କରାଯିବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି। ଏଥିରେ ଓଡ଼ିଶାର ସୁନାମଧନ୍ୟ ସଙ୍ଗୀତଜ୍ଞ ଏବଂ କଳାକାର ଯୋଗଦେବା କାର୍ଯ୍ୟକ୍ରମ ରହିଛି। ବୈଠକରେ ମୁଖ୍ୟ ଅତିଥି ଭାବେ ପ୍ରେସ୍‌କ୍ଲବର ଉପଦେଷ୍ଟା ବାସୁଦେବ ମାଳବିଶୋଇ ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏଥିସହ ମିନାଖୋଲାର ପାରିପାର୍ଶ୍ୱିକ ଉନ୍ନତି ଦିଗରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ମହୋତ୍ସବ ପାଇଁ ପ୍ରେସ୍‌କ୍ଲବର ସମସ୍ତ ସଦସ୍ୟଙ୍କ ଉପସ୍ଥିତି ଏବଂ ସହଯୋଗ ନିମନ୍ତେ ମାଳବିଶୋଇ ଅନୁରୋଧ କରିଥିଲେ। ଏଥିରେ ପ୍ରେସ୍‌କ୍ଲବର ସଭାପତି ପ୍ରମୋଦ ସାହୁକାର, ସମ୍ପାଦକ ବିଜୟ ପ୍ରସାଦ ଉଲାକା, ଉପସଭାପତି ଏସ୍. ଈଶ୍ୱର ରାଓ, ପ୍ରିୟରଞ୍ଜନ ସାହୁକାର, ହାଡିପା ଗୌଡ଼, ଭୀମ ଗଗେରଙ୍ଗା, କୈଳାସ ମାଳବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ।



ପ୍ରସ୍ତୁତି କାର୍ଯ୍ୟକ୍ରମରେ ପ୍ରେସ୍‌କ୍ଲବର ସଦସ୍ୟମାନେ।

# ଅବକାରୀ ବିଭାଗର ନାକ ତଳେ ବେଆଇନ ମଦ କାରବାର

ବିଷମକଟକ,୨୩ା୧(ଡି.ଏନ୍.ଏ.)






- ୨୪ ଘଣ୍ଟା ସାହି, ଗଳିରେ ଚାଲିଛି ମଦ ବିକ୍ରି
- ବଢ଼ୁଛି ଅସାମାଜିକ କାର୍ଯ୍ୟକଳାପ, ଦୁର୍ଘଟଣା

ବିଷମକଟକ ବ୍ଲକ ଆଖପାଖ ଅଞ୍ଚଳରେ ଦିନକୁ ଦିନ ବେଆଇନ ମଦ କାରବାର ବୃଦ୍ଧିପାଉଛି। ଅବକାରୀ ବିଭାଗ ଓ ପୋଲିସର ନୀରବତା ଯୋଗୁ ନିର୍ଭୟରେ କାରବାର ଚାଲିଥିବା ଅଭିଯୋଗ ହେଉଛି। ବିଷମକଟକ ବ୍ଲକର ୨୧ ପଞ୍ଚାୟତ ଅଞ୍ଚଳରେ ରହିଥିବା ବିଭିନ୍ନ ଢାବା, ପାନଦୋକାନ, ଜଳଖିଆ ଦୋକାନ, ହୋଲେଟରେ ବେଆଇନ ଭାବେ ଦେଶୀ ଓ ବିଦେଶୀ ମଦ ବିକ୍ରି ହେଉଛି। ସମସ୍ତ ସ୍ଥାନରେ ବିଦେଶୀ ମଦଠାରୁ ଆରମ୍ଭକରି ଭାଟିମଦ ଏବଂ ବିଷାକ୍ତ ରନ୍ଧାମଦ ବ୍ୟବସାୟ ବଢ଼ିଚାଲିଛି। ଏମିତିକି ମଦ ବିକ୍ରିର ସମୟସୀମା ରହୁନାହିଁ। ୨୪ ଘଣ୍ଟା ମଦ ବିକ୍ରି ଯୋଗୁ ଆଇନଶୃଙ୍ଖଳା ପରିସ୍ଥିତି ମଧ ବିଗିଡ଼ିବାରେ ଲାଗିଛି। ଯୁବଗୋଷ୍ଠୀ ନିଶାରେ ଅପରାଧ ଦୁନିଆରେ ପାଦଦେବା ସହ ଦୁର୍ଘଟଣା ମଧ ବଢୁଛି।

ବେଆଇନ ମଦ କାରବାରକୁ ରୋକିବା ଅବକାରୀ ବିଭାଗ ଓ ପୋଲିସର ଦାୟିତ୍ୱ। ହେଲେ ବିଷମକଟକ ବ୍ଲକରେ ବେଆଇନ ମଦ କାରବାରରେ ରୋକ ଲାଗିପାରୁ ନ ଥିବାରୁ ଉଭୟ ବିଭାଗର କାର୍ଯ୍ୟକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବ୍ଲକ ଅନ୍ତର୍ଗତ ୨୧ ପଞ୍ଚାୟତର ସମସ୍ତ ୨୭୧ ଗାଁରେ ଛୋଟ ପାନଦୋକାନଠାରୁ ଆରମ୍ଭକରି ସହରରେ ଥିବା ପ୍ରତ୍ୟେକ ସାହି ଓ ବିଷମକଟକ ଦେଇ ଯାଉଥିବା ମୁଖ୍ୟରାସ୍ତା, ରାୟଗଡ଼ାରୁ କଳାହାଣ୍ଡି ଓ କନ୍ଧମାଳ ଜିଲାକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତା ସ୍ଥିତ ସମସ୍ତ ଢାବା, କୋର୍ଟ, ମେଡିକାଲ ସାମ୍ନା, ଚାଟିକଣା, ହଟାମୁନିଗୁଡ଼ା, ଡୁକୁମ, ସାହାଡ଼ା, କଣ୍ଡୁବାଡ଼ି, ଭାତପୁର ଏଭଳି ଅନେକ ପଞ୍ଚାୟତରେ ଦେଶୀ, ବିଦେଶୀ ଓ ବିଷାକ୍ତ ରନ୍ଧାମଦ ଦୋକାନ ଖୋଲିଛି। ଅବକାରୀ ବିଭାଗର ନାକ ତଳେ ଅର୍ଥାତ୍ ଜାଣତରେ ଏସବୁ ଚାଲିଥିବା ଅଞ୍ଚଳର ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି। ବାରମ୍ବାର ଅଭିଯୋଗ କରିବା ପରେ ମଧ ଅବକାରୀ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଜଣାପଡ଼ିଛି।

ଏ ନେଇ ଅବକାରୀ ବିଭାଗର ଅଧିକାରୀଙ୍କ ପ୍ରତିକ୍ରିୟା ନେବାରୁ, ଏ ପର୍ଯ୍ୟନ୍ତ ଗାଁରୁ କୌଣସି ଅଭିଯୋଗ ଆସି ନ ଥିବା ପ୍ରକାଶ କରିଛନ୍ତି। ଅଭିଯୋଗ ଆସିଲେ ପଦକ୍ଷେପ ନିଆଯିବ ବୋଲି କୁହାଯାଉଛି। ବିଷମକଟକ ବ୍ଲକଠାରୁ ମାତ୍ର ୧ କି.ମି. ଦୂର କଣ୍ଡୁବାଡ଼ି ପଞ୍ଚାୟତର ଏକ ଗ୍ରାମରେ ପ୍ରତ୍ୟେକ ଘରେ ରନ୍ଧାମଦ ବିକ୍ରି ହେଉଛି। ରାତାରାତି ବିଭିନ୍ନ ଉପାୟରେ ପଡ଼ୋଶୀ ବ୍ଲକ ଓ ପଞ୍ଚାୟତକୁ ପଠାଇ ଦିଆଯାଉଛି। ଏଠାରେ ଅବକାରୀ ବିଭାଗ କେମିତି ଜାଣିପାରୁ ନାହିଁ ତାହାକୁ ନେଇ ପ୍ରଶ୍ନ ଉଠିଛି।

# ନାହିଁ ନାହିଁରେ ଚାଲିଛି ନବରଙ୍ଗପୁର ଜିଏନ୍ଏମ୍ କଲେଜ

- ୨୦ ପରିବର୍ତ୍ତେ ଅଛନ୍ତି ମାତ୍ର ୪ ପ୍ରଶିକ୍ଷକ
- ଶିକ୍ଷକ ଅଭାବରୁ ସରୁନି ପାଠ୍ୟକ୍ରମ
- ଲାଇବ୍ରେରିରେ ମିଳୁନି ବହି

ନବରଙ୍ଗପୁର,୨୩।୧(ବି.ପ୍ର.)

ସ୍ୱାସ୍ଥ୍ୟ ମଣିଷ ଜୀବନର ଅମୂଲ୍ୟ ସମ୍ପଦ। ଦେହ ଖରାପ ହୋଇଗଲେ ଆମେ ଦୌଡ଼ିଥାଉ ମେଡିକାଲକୁ। ଡାକ୍ତର, ଫାର୍ମାସିଷ୍ଟ, ଏଏନ୍ଏମ୍ ଓ ଜିଏନ୍ଏମ୍‌ମାନେ ଯାହା ଉପଚାର କରିଥାନ୍ତି, ତାହାକୁ ଗ୍ରହଣ କରିଥାଉ। ତେବେ ସେମାନେ ନେଇଥିବା ଟ୍ରେନିଂ ଯଦି ଠିକ୍‌ଭାବେ ହୋଇ ନ ଥିବ ତା'ହେଲେ ରୋଗୀ କିଭଳି ଉପଯୁକ୍ତ ସେବା ପାଇବେ ତାହା ଏକ ପ୍ରଶ୍ନବାଚୀ। ରାଜ୍ୟ ସରକାର ବ୍ୟାପକ ଅର୍ଥ ଖର୍ଚ୍ଚକରି ବିଭିନ୍ନ ସ୍ଥାନରେ ଏଏନ୍ଏମ୍ ଓ ଜିଏନ୍ଏମ୍ ଟ୍ରେନିଂ ସେଣ୍ଟର ଖୋଲି ତାଲିମ ବ୍ୟବସ୍ଥା କରିଛନ୍ତି। ତୃଣମୂଳସ୍ତରରେ ଦେଖିଲାବେଳେ କେଉଁଠି ପ୍ରଶିକ୍ଷକ ତ କେଉଁଠି ଲାଇବ୍ରେରିରେ ବହି ଅଭାବ ତ କେଉଁଠି ଲାବ୍‌ରେ ସରଞ୍ଜାମ ନାହିଁ। ଯାହାକୁ ନେଇ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧକାର। ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲାରେ । ନାହିଁ ନାହିଁରେ ନବରଙ୍ଗପୁର ଜିଏନ୍ଏମ୍ ଚାଲିଥିବା କହିଲେ ଅତ୍ୟୁକ୍ତି ହେବ ନାହିଁ। ସରକାରଙ୍କ ସହ କଲେଜ କର୍ତ୍ତୃପକ୍ଷ ବାରମ୍ବାର ଆଲୋଚନାକଲେ ବି ସୁଫଳ ମିଳୁ ନ ଥିବା ଅଭିଯୋଗ କରିଛନ୍ତି ଛାତ୍ରୀଛାତ୍ର।

ନବରଙ୍ଗପୁର ଜିଲାରେ ୨୦୧୨ରେ ଜିଏନ୍ଏମ୍ କଲେଜ ଆରମ୍ଭ କରାଯାଇଥିଲା। ପ୍ରଥମେ ଗୃହ ଅଭାବରୁ ନବରଙ୍ଗପୁର ମହିଳା ମହାବିଦ୍ୟାଳୟରେ ଏହି କଲେଜ କରାଯାଇ ପିଲାଙ୍କୁ ଟ୍ରେନିଂ ଦିଆଯାଉଥିଲା। ୨୦୧୫ରେ ନବରଙ୍ଗପୁର ସଦରସ୍ଥିତ ରଙ୍ଗମାଟିଗୁଡ଼ାରେ ନୂତନ ଗୃହ ନିର୍ମାଣ କରାଯାଇ ପିଲାଙ୍କୁ ଟ୍ରେନିଂ ଦିଆଯିବା ବ୍ୟବସ୍ଥା କରାଯାଉଛି। ୨୦୨୧-୨୨ଶିକ୍ଷାବର୍ଷଠାରୁ ଏଠାରେ ବିଏସ୍‌ସି ନର୍ସିଂ ପାଠ୍ୟକ୍ରମ ମଧ୍ୟ ଖୋଲାଯାଇଛି। ଏଠାରେ ଶିକ୍ଷକ ଅଭାବରୁ ପିଲାଙ୍କୁ ଉତ୍ତମ ଓ ଗୁଣାତ୍ମକ ଶିକ୍ଷା ଦିଆଯାଉ ନ ଥିବା ଅଭିଯୋଗ ହୋଇଛି। ପିଲାଙ୍କ ଶିକ୍ଷା ପାଇଁ ମୋଟ ୨୦ଜଣଙ୍କ ଆବଶ୍ୟକତା ଥିବାବେଳେ ଏଠାରେ ଅଛନ୍ତି ମାତ୍ର ୪ ଜଣ ଶିକ୍ଷୟିତ୍ରୀ । ସେଥିରୁ ଜଣେ ଶିକ୍ଷୟିତ୍ରୀ ୨୦୧୬ରୁ ପ୍ରିନ୍ସିପାଲ ଚାର୍ଜ ତୁଲାଇ ଆସୁଛନ୍ତି। ପିଅନ, ଆଟେଣ୍ଡାଣ୍ଟ, ୱାର୍ଡେନ ମଧ୍ୟ ନାହାନ୍ତି। ଏଠାରେ ଜିଏନ୍ଏମ୍ ପାଠ୍ୟକ୍ରମରେ ୧୫୦ ଏବଂ ନର୍ସିଂର ୫୬ ଜଣ ଅଛନ୍ତି। ମାତ୍ର ୩ ଜଣ ଶିକ୍ଷୟିତ୍ରୀ ଏତେ ପିଲାଙ୍କୁ ପାଠ ପଢ଼ାଇବାରେ ଅସୁବିଧା ହେଉଥିବା ବେଳେ ଅନେକ ସମୟରେ କ୍ଲାସ୍ ବନ୍ଦ ହୋଇଯାଉଛି। ସେହିଭଳି ଲାବ୍‌ରେ ଯଥେଷ୍ଟ ପରିମାଣର ସାମଗ୍ରୀ ନ ଥିବାରୁ ପ୍ରାକ୍ଟିକାଲ କରିବାରେ ଅସୁବିଧା ହେଉଛି। ପିଲାମାନେ ଠିକ୍‌ରେ ପ୍ରାକ୍ଟିକାଲ କରି ନ ଥିବା ବେଳେ ପୁଣି କ୍ଲିନିକାଲ କରିବାକୁ ନବରଙ୍ଗପୁର ଡାକ୍ତରଖାନାକୁ ଯାଇ ରୋଗୀ ସେବା କରୁଥିବା ଦେଖିବାକୁ ମିଳୁଛି। ସେମାନେ କିଭଳି ରୋଗୀ ସେବା କରୁଥିବେ ତାହା ଅନୁମେୟ। କ୍ଲିନିକାଲ ଡ୍ୟୁଟି ସାରି ହଷ୍ଟେଲ ଫେରିବା ବେଳେ ରାତି ହୋଇଯାଉଛି। ରାସ୍ତା ନିଛାଟିଆ ଓ ଅନ୍ଧାର ଥିବାରୁ ଭୟ ରହୁଛି ବୋଲି ଅଭିଯୋଗ ହୋଇଛି। ଅନ୍ୟପଟେ ଛାତ୍ରୀମାନେ ରହୁଥିବା ହଷ୍ଟେଲରେ ଫ୍ୟାନ୍, ବିଜୁଳି, ପାଣି ଠିକ୍‌ରେ ମିଳିପାରୁ ନ ଥିବାବେଳେ ଛାତ୍ରମାନଙ୍କ ପାଇଁ ହଷ୍ଟେଲ ନାହିଁ। ସେମାନେ ଅସୁବିଧା ଭୋଗୁଛନ୍ତି ବୋଲି ଛାତ୍ରମାନେ କହିଛନ୍ତି। ସରକାର ଏ ଦିଗରେ ଦୃଷ୍ଟିଦେଇ ସମସ୍ତ ଅସୁବିଧା ଦୂର କରନ୍ତୁ। ଏପରି ନ ହେଲେ ବାଧ୍ୟହୋଇ ଆନ୍ଦୋଳନ କରିବେ ବୋଲି ଛାତ୍ରୀ ଶୁଭଦର୍ଶିନୀ ପାଣି, ଗୀତାଞ୍ଜଳି ମହାଳିକ, ଛାତ୍ର ଅନିମେଷ ଓଝା କହିଛନ୍ତି। ଅଭିଯୋଗ ନେଇ ଭାରପ୍ରାପ୍ତ ପ୍ରିନ୍ସିପାଲ ଯତୀନ ମଞ୍ଜୁ ବାରୁଆଙ୍କୁ ପଚାରିବାରୁ ପିଲାମାନେ ଯାହା ଯାହା ଅଭିଯୋଗ କରିଛନ୍ତି ତାହା ସତ। ରାଜ୍ୟ ସରକାରଙ୍କୁ କଲେଜ ସମସ୍ୟା ସମ୍ପର୍କରେ ବହୁବାର ଲିଖିତ ଭାବେ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ ବୋଲି ସେ କହିଛନ୍ତି। ଶିକ୍ଷକ ଅଭାବ ଯୋଗୁ ଛାତ୍ରୀଛାତ୍ରମାନେ ମଧ୍ୟ ବହୁ ଅସୁବିଧା ଭୋଗୁଛନ୍ତି ବୋଲି ପ୍ରିନ୍ସିପାଲ ବାରୁଆ ପ୍ରତିକ୍ରିୟା ରଖିଛନ୍ତି।

## ସଂକ୍ଷେପରେ

### କଲଭର୍ଟ ତଳୁ ଏଟିଏମ୍ ଚୋରିରେ ବ୍ୟବହୃତ ସାମଗ୍ରୀ ଜବତ

ଡାବୁଗାଁ/ଉମରକୋଟ, ୨୩।୧ (ଡି.ଏନ୍.ଏ./ସ୍ୱ.ପ୍ର.)-ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ଡ଼ଙ୍ଗରିଗୁଡା ଛକ ନିକଟ କଲଭର୍ଟ ତଳୁ ଏଟିଏମ ଚୋରିରେ ବ୍ୟବହୃତ ସାମଗ୍ରୀ ସୋମବାର ପୋଲିସ ଜବତ କରିଛି। ଖବରପାଇ ଘଟଣାସ୍ଥଳରେ ନବରଙ୍ଗପୁର ଏସ୍‌ପି ଏସ୍. ସୁଶ୍ରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅପରାହ୍ଣରେ କୋରାପୁଟରୁ ସାଇଣ୍ଟିଫିକ ଦଳ ସହ ସନ୍ଧାନୀ କୁକୁର ମଧ୍ୟ ସେଠାରେ ପହଞ୍ଚି ତଦନ୍ତ କରିଛନ୍ତି। ସୂଚନାନୁଯାୟୀ, ଶନିବାର ରାତିରେ ଉମରକୋଟ ଥାନା ଅଧୀନ ଧୋଡ୍ରା ଗ୍ରାମ ମୁଖ୍ୟ ରାସ୍ତାସ୍ଥିତ ଷ୍ଟେଟବ୍ୟାଙ୍କ ଏଟିଏମ୍‌ରୁ ପ୍ରାୟ ୩୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଲୁଟ ହୋଇଥିଲା। ଏହି ଲୁଟ୍‌ରେ ବ୍ୟବହୃତ ସାମଗ୍ରୀ ଡାବୁଗାଁ - ଉମରକୋଟ ମୁଖ୍ୟ ରାସ୍ତା ରେ ଡ଼ଙ୍ଗରିଗୁଡା ଛକ ନିକଟସ୍ଥ ଏକ କଲଭର୍ଟ ତଳେ ପଡିଥିବା ଖବରପାଇ ଡାବୁଗାଁ ଥାନାଧିକାରୀ ସୁନୀଲ ପ୍ରଧାନ, ସବଇନ୍ସପେକ୍ଟର ବିଜୁରାମ ବାଗ ଓ ଚନ୍ଦନ ସାହୁ ପ୍ରମୁଖ ସେଠାରେ ପହଞ୍ଚି ଗ୍ୟାସ ସିଲିଣ୍ଡର, ଅମ୍ଳଜାନ ସିଲିଣ୍ଡର, ଏଟିଏମ କ୍ୟାସ ବକ୍ସ ୩ଟି, ପାଇପ, କଟର, ଏକ ବସ୍ତାରୁ ୩ଟି ସାର୍ଟ ଓ ୩ ହଳ ଗ୍ଲୋବସ ଜବତ କରିଥିଲେ।

### ବସ୍ତି ବାସିନ୍ଦା ଉନ୍ନୟନ ମହାସଂଘ ଗଠନ

ଉମରକୋଟ, ୨୩।୧(ସ୍ୱ.ପ୍ର.)-ନବରଙ୍ଗପୁର ଜିଲା ଉମରକୋଟ ପୌରାଞ୍ଚଳ ଅଧୀନରେ ଥିବା ୨୭ଟି ବସ୍ତି ବାସିନ୍ଦା ସଂଘ ମିଶି ଏକ ମହାସଂଘ ଗଠନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସମସ୍ତ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ। ବୈଠକରେ ପୌରାଞ୍ଚଳରେ ଥିବା ସମସ୍ତ ବସ୍ତିକୁ ନୂଆ ରୂପରେଖ ଦେଇ ଓଡ଼ିଶାରେ ଆଦର୍ଶ କରି ଗଢ଼ିତୋଳିବା ପାଇଁ ସମସ୍ତେ ପ୍ରୟାସ କରିବେ ବୋଲି ଶପଥ ନେଇଥିଲେ। ଏହି ସଭାରେ ସମସ୍ତ ସଂଘକୁ ନେଇ ଏକ ମହାସଂଘ ଗଠନ କରାଯାଇଥିଲା। ବିକ୍ରମଦେବ ସରକାର ସଭାପତି, ବଳି ମଙ୍ଗରାଜ ଉପସଭାପତି, ଲିଙ୍କନ ଦାସ ସମ୍ପାଦକ ଏବଂ କୋଷାଧକ୍ଷଭାବେ ଜାକିର ହୁସେନଙ୍କୁ ମନୋନୀତ କରାଯାଇଛି। ଏହି ମହାସଂଘର ଉପଦେଷ୍ଟା ଭାବେ ମନୋଜ ଧଳ, ସାଇନାରାୟଣ ପାଢ଼ୀ, ରବି ହରିଜନ ଓ ହରପ୍ରସାଦ ସିଂଙ୍କୁ ଦାୟିତ୍ୱ ଦିଆଯାଇଛି। ସାଇନାରାୟଣ ପାଢ଼ୀ ମଞ୍ଚ ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ।

### ଟ୍ରାକ୍ଟର ମାଲିକ ସଂଘ ବୈଠକ

କୋଡିଂଗା, ୨୩।୧(ଡି.ଏନ୍.ଏ.)
ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ବିଏମ୍ ସେମଳା ପଞ୍ଚାୟତ ଡାଡିଆ ମାଝିଗୁଡା ନର୍ସରୀରେ ବ୍ଲକ ଟ୍ରାକ୍ଟର ମାଲିକ ସଙ୍ଘର ନୂଆ ବର୍ଷ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୈଠକର ଆରମ୍ଭରେ ସମସ୍ତ ସଭ୍ୟ ପରସ୍ପରକୁ ନୂତନ ବର୍ଷର ଶୁଭେଚ୍ଛା ଜଣାଇଥିଲେ। ସଂଘ ସଭାପତି ଧରମ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସଙ୍ଘର ବ୍ଲକ ସଂଗଠନକୁ ଆଗାମୀ ଦିନରେ କିଭଳି ଭାବେ ଅଧିକ ସଂଗଠିତ କରାଯିବ ସେ ନେଇ ସଭ୍ୟମାନେ ମତ ରଖିଥିଲେ। କାର୍ଯ୍ୟକ୍ରମରେ ପ୍ରାୟ ଶହେରୁ ଉର୍ଦ୍ଧ୍ୱ ଟ୍ରାକ୍ଟର ମାଲିକ ଯୋଗ ଦେଇଥିଲେ।

### ନଦୀରେ ବୁଡ଼ି ଯୁବକ ମୃତ

ଡାବୁଗାଁ, ୨୩।୧(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଞ୍ଚଳରେ ଜଣେ ଯୁବକଙ୍କ ନଦୀରେ ବୁଡ଼ି ମୃତ୍ୟୁ ହୋଇଛି। ମୃତକ ହେଲେ ଡାବୁଗାଁ ଥାନା ଅଧୀନ କୋଇଲାରୀ ଗାଁର ଅନୀଲ ଗୁପ୍ତା (୩୩)। ସୂଚନାନୁଯାୟୀ, ଅନୀଲ ସୋମବାର ସନ୍ଧ୍ୟାରେ ବେଲାରୀ ନଦୀକୁ ଗାଧୋଇବାକୁ ଯାଇଥିଲେ। କିନ୍ତୁ ଦୀର୍ଘ ସମୟ ଧରି ସେ ଆଉ ଘରକୁ ଫେରି ନ ଥିଲେ। ଏଣେ ନଦୀରେ ଅନୀଲ ଭାସୁଥିବା ଦେଖି ଗାଁ ପାଖ ଲୋକେ ତାଙ୍କ ପରିବାର ଏବଂ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ରାତିପ୍ରାୟ ୮.୩୦ରେ ନଦୀରୁ ଅନୀଲଙ୍କୁ ଉଦ୍ଧାର କରିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଡାବୁଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ନେତାଜୀ ଜୟନ୍ତୀ ଅବସରରେ ରକ୍ତଦାନ ଶିବିର



ଦାମନଯୋଡ଼ି, ୨୩।୧(ଡି.ଏନ୍.ଏ.)
ନେତାଜୀ ସୁବାସ ଚନ୍ଦ୍ର ବୋଷ ଜୟନ୍ତୀ ଅବସରରେ ସ୍ଥାନୀୟ ଭେଜାପୁଟ ଶିବ ମନ୍ଦିର ସାମ୍ନାରେ ଏସ୍‌ଭିଏମ୍‌ର ପୂର୍ବ ଛାତ୍ର ସଂସଦ, ଓଡ଼ିଶା ରକ୍ତଦାତା ମହାସଂଘ କୋରାପୁଟଶାଖା ଓ ଯୁବ ରେଡକ୍ରସ୍ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଛି। ସାମାଜିକ କର୍ମୀ ଡ଼ଃ ଚିତରଞ୍ଜି ମିଶ୍ର ଓ ସ୍ନିଗ୍ଧା ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ଡ଼ଃ ନରେଶ ଚନ୍ଦ୍ର ସାହୁ, ରମେଶ ଚନ୍ଦ୍ର ଦାସ ଓ ଅଶୋକ ମହାନ୍ତିଙ୍କ ଉପସ୍ଥିତ ଥିଲେ। କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ୍ କଲେଜର ରକ୍ତ ସଂଗ୍ରହକାରୀ ଦଳ ଭି. ଗଙ୍ଗାଧର, ବିଷୋୟୀନୀ ଓ ରବିନ୍ଦ୍ର ମିଶ୍ର ରକ୍ତ ସଂଗ୍ରହ କରିଥିଲେ। ଶିବିରରେ ବହୁସଂଖ୍ୟାରେ ସ୍କୁଲର ପୂର୍ବତନ ଛାତ୍ରୀଛାତ୍ର, ଗୃହିଣୀ ରକ୍ତଦାନ କରିଥିଲେ। ଅଚ୍ୟୁତାନନ୍ଦ ଜେନା ଓ ଯୁବ ରେଡକ୍ରସର ହରପ୍ରିୟା ସାମଲ, ଓମ୍ ପ୍ରକାଶ ନାହାକ, ବୈଶାଖୀ, ସାଗର, ସଞ୍ଜୟ, ଭାଗ୍ୟଲକ୍ଷ୍ମୀ ଓ ଜହ୍ନବୀ ସ୍ୱେଚ୍ଛାସେବୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିବିରରୁ ୪୮ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି।

### ସଚେତନତା କାର୍ଯ୍ୟକ୍ରମ

ଜୟପୁର, ୨୩।୧ (ନି.ପ୍ର.)
ଜୟପୁର ନିକଟ ହାନାଗୁଡ଼ାରେ ବିଜେଡି ପକ୍ଷରୁ ଜୟପୁର ନଗର ମହିଳା ସଭାନେତ୍ରୀ ଶିଖା ପାଣିଙ୍କ ନେତୃତ୍ୱରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ରାଜ୍ୟ ସରକାରଙ୍କ ଜନ୍ମଠାରୁ ମୃତ୍ୟୁ ଯାଏ ରହିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରିଥିଲେ। ହେମ ହରିଜନ ପ୍ରମୁଖ ଉପସ୍ଥିତ ଥିଲେ।

# କଫି ଚାରା ଲଗାଇବା ପୂର୍ବରୁ ଡ୍ରୋନ୍‌ରେ ହେବ ଜମି ସର୍ଭେ

## ଜିଲା କଫି ଟ୍ରଷ୍ଟର ବୈଠକ



ବୈଠକରେ କୋରାପୁଟ ଜିଲାପାଳ, କଫି ଟ୍ରଷ୍ଟ ସଦସ୍ୟ ଓ ଅନ୍ୟମାନେ।

କୋରାପୁଟ,୨୩।୧(ସ୍ୱ.ପ୍ର.)

କୋରାପୁଟ ଜିଲା କଫି ଟ୍ରଷ୍ଟର ଏକ ବୈଠକ ସ୍ଥାନୀୟ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଜିଲାପାଳ ଅବ୍‌ଦାଲ ଏମ୍. ଅଖତାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲାରେ ହେବାକୁ ଥିବା କଫିଚାଷ ନିମନ୍ତେ ଡ୍ରୋନ୍ ଦ୍ୱାରା ଜମି ସର୍ଭେ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସର୍ଭେ ଶେଷରେ ଆବଶ୍ୟକତା ଅନୁସାରେ କଫି ଚାରା ଲଗାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି।

ସୂଚନାନୁଯାୟୀ, ଗତ ବର୍ଷ ଜମିରେ ଠିକ୍ ସର୍ଭେ ନ ହୋଇ ବ୍ୟାପକ କଫି ଚାରା ରୋପଣ କରାଯାଇଥିବାରୁ କିଛି ଚାରା ନଷ୍ଟ ହୋଇଯାଇଥିଲା। ଏପରିକି ଆଦିବାସୀଙ୍କ ନାମରେ ଥିବା ଜମିର ପଟ୍ଟା ଓ ବାସ୍ତବରେ ଥିବା ଜମିର ପରିମାଣ ମଧ୍ୟରେ ତାଳମେଳ ରହୁ ନ ଥିବାରୁ ଚଳିତବର୍ଷ ପ୍ରଥମେ ଡ୍ରୋନ୍ ଦ୍ୱାରା ଜମିର ସର୍ଭେ କରାଯିବ। ପରେ ତଦନୁଯାୟୀ କଫି ଚାରା ଉତ୍ପାଦନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଆଗାମୀ ଦିନରେ ରାଜ୍ୟ ସରକାରଙ୍କ ଦ୍ୱାରା କଫି ମିଶନ କାର୍ଯ୍ୟ ଆରମ୍ଭ ନେଇ ପ୍ରସ୍ତାବ ରହିଥିବାବେଳେ ଏବେଠାରୁ ଜିଲା କଫି ଟ୍ରଷ୍ଟକୁ ଅଧିକ କ୍ରିୟାଶୀଳ କରାଯିବ ବୋଲି ଆଲୋଚନା ହୋଇଛି। ଏହି ବୈଠକରେ କୋରାପୁଟ କଫି ବୋର୍ଡ ଏସ୍‌ଏଲ୍‌ଓ ଉପେନ୍ଦ୍ର ଶାହା, କୋରାପୁଟ କଫି ଫାର୍ମସ ଆସୋସିଏସନ ବରିଷ୍ଠ ସଦସ୍ୟ ଲଲାଟେନ୍ଦୁ ଦେଓ, କୋରାପୁଟ କଫିର ଜିଲା ଅଧିକାରୀ, ଆଇଟିଡିଏ ଅଧିକାରୀ, ଟିଡିସିସି ଅଧିକାରୀଙ୍କ ସମେତ କଫି ଟ୍ରଷ୍ଟର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ଫୁଟାନଡ଼ା, କୁନ୍ଦେଇ ସିଆର୍‌ପିଏଫ୍‌ର ଜନ ସମ୍ପର୍କ ଶିବିର

ରାଇଘର, ୨୩।୧ (ଡି.ଏନ୍.ଏ.)

ରାଇଘର ବ୍ଲକରେ ଥିବା ଫୁଟାନଡ଼ା ଓ କୁନ୍ଦେଇ ସିଆର୍‌ପିଏଫ୍ ୧୨ ବାଟାଲିୟନ ପକ୍ଷରୁ ସୋମବାର ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଅଞ୍ଚଳର ମହିଳାଙ୍କୁ ରୋଷେଇ ଉପକରଣ ପ୍ରଦାନ କରାଯାଇଛି।

ଫୁଟାନଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ ଶିବିରରେ କ୍ୟାମ୍ପ କମାଣ୍ଡାଣ୍ଟ ଏନ୍.କେ.କେ. ପ୍ରସାଦ ମୁଖ୍ୟ ଅତିଥି, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଅଜୟ କୁମାର, ବ୍ଲକ ଅଧ୍ୟକ୍ଷା ନବୀନା ନାୟକ, ହଳଦୀ ସମିତି ସଭ୍ୟା ସସ୍ମିତା ମାଝି ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ଫୁଟାନଡ଼ା, ଖାଲେପାରା, ହଳଦୀ, ଗୋନା , ଅଞ୍ଚଳା ଗ୍ରାମର ମହିଳାଙ୍କୁ ପ୍ରେସରକୁକର, ହାଣ୍ଡି, କଡ଼େଇ, ଚଟୁ ଆଦି ବଣ୍ଟନ କରାଯାଇଥିଲା। କୁନ୍ଦେଇରେ ଆୟୋଜିତ ଶିବିରରେ କ୍ୟାମ୍ପ କମାଣ୍ଡାଣ୍ଟ ଏନ୍.କେ.କେ. ପ୍ରସାଦ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଭାବେ ମାଥେଓ କେ.ଏସ୍, କୁନ୍ଦେଇ ଥାନାଧିକାରୀ ପ୍ରଶାନ୍ତ ସେଠୀ, ହାଟଭରାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ଦଶରଥ ନାଗ, କୁନ୍ଦେଇ ହାଇସ୍କୁଲ ପ୍ରଧାନଶିକ୍ଷକ ଗଗନ ବିହାରୀ ଦାସ, ଖୁଡୁକୁ ସରପଞ୍ଚ ଦୟାନନ୍ଦ ଗଣ୍ଡ, ଶୁଭେନ୍ଦୁ ସିଂ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ହାଟଭରାଣ୍ଡି, କୁନ୍ଦେଇ, ଖୁଡୁକୁ ଆଦି ଗ୍ରାମର ଲୋକଙ୍କୁ ରୋଷେଇ ସାମଗ୍ରୀ ଦିଆଯାଇଛି।



ଜଣେ ମହିଳାଙ୍କୁ ରୋଷେଇ ସାମଗ୍ରୀ ପ୍ରଦାନ କରାଯାଉଛି ।

# ପରେଡ୍, ସାଂସ୍କୃତିକ କାର୍ଯ୍ୟକ୍ରମ ଅଭ୍ୟାସ



ଛାତ୍ରୀମାନେ ପୋଲିସ ପଡ଼ିଆରେ ଅଭ୍ୟାସ କରୁଛନ୍ତି।

କୋରାପୁଟ,୨୩।୧(ସ୍ୱ.ପ୍ର.)

୭୪ତମ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ କୋରାପୁଟ ପୋଲିସ ପଡ଼ିଆଠାରେ ପରେଡ୍ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ନେଇ ପ୍ରସ୍ତୁତି କରାଯାଉଛି। ସୋମବାର ୧୭ଟି ବିଭିନ୍ନ ଦଳ ପରେଡ୍ ଅଭ୍ୟାସ କରିଥିଲେ। କାର୍ଯ୍ୟକ୍ରମର ନେତୃତ୍ୱ ପୋଲିସ ଆର୍‌ଆଇ ସୁବାସ ନାୟକ ନେଇଥିଲେ। ସେହିପରି ଚଳିତ ବର୍ଷ ସମସ୍ତ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ଚିତ୍ତାକର୍ଷକ ଶାରୀରିକ କୌଶଳ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ସୋମବାର ସେମାନେ ମଧ୍ୟ ପୋଲିସ ପଡ଼ିଆରେ ଅଭ୍ୟାସ କରିଥିଲେ। ରବିବାରଠାରୁ ଆରମ୍ଭ ହୋଇଥିବା ଏହି ପ୍ରସ୍ତୁତି କାର୍ଯ୍ୟ ମଙ୍ଗଳବାର ଶେଷ ହେବ ବୋଲି ସୂଚନା ମିଳିଛି।

# ଗଞ୍ଜେଇ ଚାଲାଣ ବେଳେ ଅଭିଯୁକ୍ତ ଗିରଫ

ଉମରକୋଟ, ୨୩।୧(ସ୍ୱ.ପ୍ର.)



ଗିରଫ ଦୟାନିଧି।

ଗଞ୍ଜେଇ ଚାଲାଣ ଅଭିଯୋଗରେ ଉମରକୋଟ ଓ ରାଇଘର ଅବକାରୀ ବିଭାଗ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଚନ୍ଦାହାଣ୍ଡି ବ୍ଲକ ଦଲବେଡା ଗ୍ରାମର ଦୟାନିଧି ମାଝି। ସୂଚନାନୁଯାୟୀ, ଦୟାନିଧି ଗଞ୍ଜେଇ ଧରି ଯାଉଥିବା ଖବର ଅବକାରୀ ବିଭାଗକୁ ମିଳିଥିଲା। ରାଇଘର ଉମରକୋଟ ଅବକାରୀ ବିଭାଗ ଦୟାନିଧିଙ୍କୁ ଜଗିଥିଲେ। ଦଲବେଡ଼ାରୁ ଚନ୍ଦାହାଣ୍ଡି ଆସିବା ସମୟରେ ସେମାନେ ତାଙ୍କୁ ଗିରଫ କରିଛନ୍ତି। ଏହାପରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଅବକାରୀ ଇନ୍ସପେକ୍ଟର ହରିହର ସିଂ, ଓଆଇସି ସୁଜିତ ନାଗ ଓ ଅନ୍ୟ କର୍ମଚାରୀ ସାମିଲ ଥିଲେ।

# ଖବରଦାତାଙ୍କ ବୀମାରାଶି ୧୦ଲକ୍ଷ କରିବାକୁ ଦାବି




ବୈଠକରେ ବିଧାୟକ ଓ ଅନ୍ୟ ଅତିଥିମାନେ ।

ପାପଡ଼ାହାଣ୍ଡି, ୨୩।୧(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ମୃଗବିହାର ନିକଟରେ ରବିବାର ଜିଲା ଓୟୁଜେ ସଂଘର ସାଧାରଣ ପରିଷଦ ବୈଠକ ଓ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ସାମାଜିକ କର୍ମୀ ଜଗନ୍ନାଥ ମହାପାତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ସୁଶାନ୍ତ କୁମାର ବେହେରାଙ୍କୁ ଜିଲା ସଭାପତି ଓ ବାରିଜ ପଟ୍ଟନାୟକଙ୍କୁ ସାଧାରଣ ସମ୍ପାଦକ ଭାବେ ମନୋନୀତ କରାଯାଇଛି। ରାଜ୍ୟ ସଂଗଠନ ସମ୍ପାଦକଭାବେ ଦିଲୀପ ଦାସ ଓ ମହେଶ୍ୱର ବେହେରାଙ୍କୁ ମନୋନୀତ କରାଯାଇଥିଲା। ଆଗାମୀ ଦିନରେ କୋର୍ କମିଟି ମାଧ୍ୟମରେ ଅନ୍ୟ ସଭ୍ୟ ଚୟନ ନେଇ ନିଷ୍ପତ୍ତି ହୋଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟ ଓୟୁଜେ ସଂଘ ସଭାପତି ପ୍ରସନ୍ନ ମହାନ୍ତି, ନିର୍ବାଚନ ଅଧିକାରୀଭାବେ କୋରାପୁଟର ବରିଷ୍ଠ ଖବରଦାତା ପରିକ୍ଷିତ ବିଶ୍ୱାଳ, କଳାହାଣ୍ଡି ଜିଲା ଓୟୁଜେ ସଭାପତି କମ୍ବୁପାଣି ମିଶ୍ର, ଇଙ୍ଗିତ ପଣ୍ଡା ଯୋଗଦେଇଥିଲେ। ରାଜ୍ୟ ସଭାପତି ଖବରଦାତାଙ୍କ ବୀମାରାଶି ୧୦ ଲକ୍ଷ କରିବା ସହ ମା' ବାପାଙ୍କୁ ବୀମା ପରିସରଭୁକ୍ତ କରିବା, ଖବରଦାତାଙ୍କୁ ପେନ୍‌ସନ ଦେବାକୁ ଦାବି କରିଥିଲେ। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ସଂଘ ବିଧାନସଭା ଆଗରେ ଧାରଣା ଦେବ ବୋଲି ସେ କହିଥିଲେ। ଏହି ଅବସରରେ ମନପ୍ରୀତ କୌର ଦେଶାତ୍ମବୋଧକ ଗୀତ ଓ ଦଳେଇଗୁଡ଼ା ଆଶ୍ରମ ବିଦ୍ୟାଳୟ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଦେଶ ସ୍ୱାଧୀନତାରେ ନେତାଜୀ, ସାଏଙ୍କ ଅବଦାନ ଢେର୍

ନବରଙ୍ଗପୁର/ ଜୟପୁର/କୋରାପୁଟ/ ବୈପାରୀଗୁଡା,୨୩।୧(ବି.ପ୍ର./ ନି.ପ୍ର./ସ୍ୱ.ପ୍ର./ଡି.ଏନ୍.ଏ.)

କୋରାପୁଟ ଓ ନବରଙ୍ଗପୁର ଜିଲାର ବିଭିନ୍ନ ସ୍ଥାନରେ ସୋମବାର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳନ ହୋଇଯାଇଛି। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରିଥିଲା। ଏହି ସମୟରେ ସେମାନଙ୍କ ଜୀବନୀ, ଆଦର୍ଶ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଯାଇଥିଲା।

ନବରଙ୍ଗପୁର ଜିଲା ପ୍ରଶାସନ ଓ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗର ପକ୍ଷରୁ ନେତାଜୀ ଜୟନ୍ତୀ ପାଳନ କରାଯାଇଛି। ସହର ମୀରା ଓ ଟୋ ଛକ ନିକଟରେ ଥିବା ନେତାଜୀ ସୁବାସ ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ଜିଲାପାଳ ଡକ୍ଟର କମଳ ଲୋଚନ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ନେତାଜୀଙ୍କ ବଳିଷ୍ଠ ନେତୃତ୍ୱ, ଦେଶ, ଜାତି ପାଇଁ ତାଙ୍କ ଅବଦାନ, ମହାନ ତ୍ୟାଗ ଓ ଆଦର୍ଶ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଉପଜିଲାପାଳ ପ୍ରଶାନ୍ତ କୁମାର ରାଉତ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ୍, ଜିଲ୍ଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର, ଜିଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏକ୍ସ ବୋର୍ଡ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀ, ବରିଷ୍ଠ ନାଗରିକ, ଖବରଦାତାମାନେ ଯୋଗଦେଇଥିଲେ। ଛାତ୍ରୀମାନେ ନେତାଜୀଙ୍କ ଆଦର୍ଶ ଉପରେ ଏକ ଗୀତ ଗାଇଥିଲେ। ଡିଆଇପିଆର୍‌ଓ ହଳଧର ନିଆଲ ଧନ୍ୟବାଦ୍ ଦେଇଥିଲେ।

କୋରାପୁଟ ଜିଲା ସିପିଆଇ ପକ୍ଷରୁ ଜୟପୁର ଜୟନଗରସ୍ଥିତ ସୁଭାଷ ଚନ୍ଦ୍ର ବୋଷ ପାର୍କରେ ଥିବା ନେତାଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି। କାର୍ଯ୍ୟକ୍ରମରେ ଜିଲା ସମ୍ପାଦକ ଯୁଧିଷ୍ଠିର ରାଉଳ, ପ୍ରମୋଦ ମହାନ୍ତି, ଉତ୍ତମ ମଲ୍ଲିକ ଉପସ୍ଥିତ ଥିଲେ । ସେହିପରି ନେତାଜୀ ଜୟନ୍ତୀ କମିଟି ପକ୍ଷରୁ ଲକ୍ଷ୍ମୀ ପଣ୍ଡା ଛକରୁ ଏକ ଶୋଭାଯାତ୍ରା ବାହାରି ରଜାନହରରେ ପହଞ୍ଚିଥିଲା। ସେଠାରେ ଆୟୋଜିତ ସଭାରେ ଡେମୋକ୍ରାଟିକ୍ ୟୁଥ୍ ଅର୍ଗାନାଇଜେଶନ ସମ୍ପାଦକ କେଦାରନାଥ ସାହୁ, ଜୟନ୍ତୀ କମିଟିର ମୁଖ୍ୟ ଆୟୋଜକ ସୁରଜିତ ସ୍ୱାଇଁ, ଶିକ୍ଷୟିତ୍ରୀ ଇନ୍ଦୁମତି ଦାସ, ଶିକ୍ଷକ ପ୍ରଦ୍ୟୁମ୍ନ ସାନ୍ତ୍ରା ଉପସ୍ଥିତ ଥିଲେ। ସେହିପରି ରଙ୍ଗମାଟି ଅନୁଷ୍ଠାନ ପକ୍ଷରୁ ସମ୍ପାଦକ ତୁଳସୀ ବେହେରା, ମହିଳା ସ୍ୱେଚ୍ଛାସେବୀ ସଂଗଠନର ସଭାପତି ଶୁଭଶ୍ରୀ ବେହେରାଙ୍କ ଆହ୍ୱାନରେ ଏକ ରକ୍ତଦାନ ଶିବିର କରାଯାଇଛି। ଅରବିନ୍ଦ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ଲକ୍ଷ୍ମୀକାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏବଂ ସ୍ଥାନୀୟ ଭାଜପା କାର୍ଯ୍ୟାଳୟରେ ମୋହନ ମାଝିଙ୍କ ନେତୃତ୍ୱରେ ନେତାଜୀ ଜୟନ୍ତୀ ପାଳନ କରାଯାଇଛି।

କୋରାପୁଟରେ ନେତାଜୀ ଜୟନ୍ତୀ ପାଳନ ହୋଇଯାଇଛି। ସ୍ଥାନୀୟ ଗୁଣ୍ଡିଚା ଛକଠାରେ ଥିବା ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ କୋରାପୁଟ ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କୋରାପୁଟ ମ୍ୟୁନିସିପାଲିଟି ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ଡିଆଇପିଆର୍‌ଓ ସ୍ୱରାଜ୍ୟ ଶିଶା, ପ୍ରେସ୍ କ୍ଲବ ସଭାପତି ଭବାନୀ ଶଙ୍କର ମିଶ୍ର, ସମ୍ପାଦକ ଅମିତାଭ ବେହେରା, ପୂର୍ବତନ ପୌରାଧ୍ୟକ୍ଷ ଭଗବାନ ବାହିନୀପତି, କଂଗ୍ରେସ ନେତା ରୂପକ କୁମାର ତୁରୁକ, ବାବୁଲା ବେନିଆ, ରମେଶ ଖରା, ଜିଲା ସ୍ମାରକୀ କମିଟି ସଦସ୍ୟ ଅଧ୍ୟାପକ ରବି ଶତପଥୀ, ରଞ୍ଜନ ଦାସ, ଅରୁଣ ଦାସ, ଲଳିତ ପଟ୍ଟନାୟକଙ୍କ ସମେତ ବହୁ ବୁଦ୍ଧିଜୀବୀ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସ୍ଥାନୀୟ ରାମକୃଷ୍ଣ ବିଦ୍ୟାମନ୍ଦିରରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ତପସ୍ୱିନୀ ମହାପାତ୍ର ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଓ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ସ୍ଥାନୀୟ ବିବେକାନନ୍ଦ ବନ ଭାରତୀ ବିଦ୍ୟାପୀଠ ପରିସରରେ ମଧ୍ୟ ଏହି ଜୟନ୍ତୀ ଉତ୍ସବ ପାଳନ କରାଯାଇଛି। ଉତ୍ସବରେ ସମ୍ପାଦକ ରାମ ପ୍ରସାଦ ସରାଫ ଓ ବିଦ୍ୟାଳୟ ଅଧ୍ୟକ୍ଷା ଅତାସି ସାହୁ ବରପୁତ୍ରଙ୍କ ସ୍ମୃତିଚାରଣ କରିଥିଲେ।

ବୈପାରିଗୁଡ଼ା ମୁଖ୍ୟ ଛକରେ ଅଲ୍ ଓଡ଼ିଶା ନେତାଜୀ ୧୨୬ତମ ଜୟନ୍ତୀ କମିଟି ପକ୍ଷରୁ ଜିଲାସ୍ତରୀୟ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ରାଜ୍ୟ କମିଟି ସଦସ୍ୟ କେଦାରନାଥ ସାହୁ, ଶିକ୍ଷକ ଗୌର ଦଳେଇ, ଏସ୍‌ୟୁସିଆଇ ବ୍ଲକ କମିଟି ସମ୍ପାଦକ ସୂର୍ଯ୍ୟନାରାୟଣ ବିଷୋୟୀ ଏବଂ ଜିଲାସ୍ତରୀୟ କମିଟିର ଆବାହକ ସୁଜିତ ସ୍ୱାଇଁ ଅତିଥିଭାବେ ଯୋଗଦେଇଥିଲେ। ଜଗନ୍ନାଥ ହରିଜନ, ରୁକ୍ମିଣୀ ବାରିକ ଓ ମଦନ ଗାଦବା ଏହାକୁ ପରିଚାଳନା କରିଥିଲେ। ସେହିପରି ଫ୍ରେଣ୍ଡସ ୟୁନିଟ୍ କ୍ଲବ ପକ୍ଷରୁ ବାସିନିଗୁଡ଼ାସ୍ଥିତ ପ୍ରାଥମିକ ବିଦ୍ୟାଳୟରେ ନେତାଜୀ ଓ ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବି ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ ସତ୍ୟ ମାଝି, ସାମାଜିକ କର୍ମୀ ଭୀମସେନ ହରିଜନ ପ୍ରମୁଖ ଅତିଥିଭାବେ ଯୋଗଦେଇ ପିଲାମାନଙ୍କୁ ବରପୁତ୍ରଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ।



ନବରଙ୍ଗପୁରରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଙ୍କ ଉପସ୍ଥିତିରେ ଛାତ୍ରୀମାନେ ଗୀତ ଗାଉଛନ୍ତି।




ଜୟପୁରରେ ବାହାରିଥିବା ପଦଯାତ୍ରା ।

